## ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ମୃତ୍ୟୁ

କୋଡ଼ପଡ଼ା,(ଡି.ଏନ୍.ଏ.): କେନ୍ଦୁଝର ଜିଲା ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜପଥର ଫକୀରପୁର ସେଣ୍ଟମେରୀ ସ୍କୁଲ ନିକଟରେ ଗତ ୧୬ତାରିଖ ରବିବାର ଦୁର୍ଘଟଣାରେ ଗୁରୁତର ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ପୁରୀର ମିନତୀ ଜେନା (୨୫)। ସେ ନିଜ ଭାଇ ରଞ୍ଜନ ଜେନା (୨୩)ଙ୍କ ସହ ମରେଗାଁ ପଞ୍ଚାୟତ ଏଲକଣା ଗ୍ରାମକୁ ଆସୁଥିବା ବେଳେ ଏକ ହୁଣ୍ଡାଇ କ୍ରେଟା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଆନନ୍ଦପୁର ପୋଲିସ ଉଭୟଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ମିନତୀଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଗତ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଛି।

### ସଂକ୍ଷେପରେ

## ସଂସ୍ଥା ନାଁରେ ଅପପ୍ରଚାର ନେଇ କ୍ଷୋଭ




ଭଦ୍ରକ ଅଫିସ, ୨୩।୪-ଭଦ୍ରକ ସହର ଆରଡ଼ି ଛକରେ ଥିବା ଭ୍ୟାଲୁ ଅଫ୍ ମ୍ୟାନ୍ ଏକ ନିଯୁକ୍ତିଦାତା ସଂସ୍ଥା। ଆଶାୟୀ ଯୁବତୀ ଯୁବକ ଏଠାରେ ନାମ ପଞ୍ଜୀକରଣ କରିବା ପରେ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ବିଭିନ୍ନ ବେସରକାରୀ ଅନୁଷ୍ଠାନରେ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇଥାଏ। ନିକଟରେ ଭୁଲ୍ ବୁଝାମଣା ଯୋଗୁ ପଞ୍ଜୀକରଣ କରିଥିବା ଯୁବକ ଓ କର୍ମଚାରୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ପରେ ଏହାର ଆପୋଷ ସମାଧାନ ହୋଇଥିଲା ବୋଲି ରବିବାର ଖବରଦାତା ସମ୍ମିଳନୀରେ ସଂସ୍ଥାର ସଂଯୋଜକ ବଟକ୍ରୀଷ୍ଣା ନାୟକ କହିଛନ୍ତି। ଏହି ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁଥିବା ବେଳେ ଆକ୍ରୋଶମୂଳକ ଭାବେ ଅପପ୍ରଚାରକୁ ନେଇ କ୍ଷୋଭ ପ୍ରକାଶ କରାଯାଇଛି। ଆଇନଜୀବୀ ଅନନ୍ତ ନାରାୟଣ ପଣ୍ଡା ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ସଂସ୍ଥାର ଆଭିମୁଖ୍ୟ ପ୍ରକାଶ କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ପଦ୍ମପୁର,୨୩।୪(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର, ମଲ୍ଲିକାଦେଇପୁରର ସଂଯୋଜକ ବିକାଶ ଚନ୍ଦ୍ର କାଠଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଏବିଇଓ ଅମୀୟ କୁମାର ମହାଳିକ ଯୋଗଦେଇ ଆଜିକାଲିର ପ୍ରତିଦ୍ୱନ୍ଦ୍ୱିତାଯୁକ୍ତ ଶିକ୍ଷାକୁ ଅଧିକ ଗୁଣାତ୍ମକ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, ଅନ୍ୟତମ ଅତିଥି ଭାବେ ମନ୍ଧାରୀ ମହାବିଦ୍ୟାଳୟ ଅଧାପକ ଚନ୍ଦ୍ରକାନ୍ତ ବେହେରା ଯୋଗ ଦେଇଥିଲେ। ଗୁରୁଜୀ ମନୋଜ ଦାଶ ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନଆଚାର୍ଯ୍ୟ ମମତା ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସମ୍ପାଦକ ଶରତ ବାରିକ। ମୁଖ୍ୟବକ୍ତାଙ୍କୁ ଶିକ୍ଷାକେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ର ଓ ମା'ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ଅକ୍ଷୟ ତୃତୀୟା ପାଳିତ

ଖୁଣ୍ଟା,୨୩।୪(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ୍ ବଡ଼ଫେଣୀ ପଞ୍ଚାୟତ ଛାତ୍ରମା ଗ୍ରାମରେ କୃଷି ବିଭାଗ ଆନୁକୂଲ୍ୟରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବ୍ଲକ୍‌ସ୍ତରୀୟ ଅଖିମୁଠି ଅନୁକୁଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଖୁଣ୍ଟା ବ୍ଲକ୍ ଅଧକ୍ଷ ସୁଧନ୍ୟା ନାୟକ, କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସ ପ୍ରମୁଖ ଯୋଗଦେଇ ଚାଷୀଙ୍କ ମଙ୍ଗଳ କାମନା କରି କ୍ଷେତରେ ମାଟି ମାଆର ପୂଜା ଅର୍ଚ୍ଚନା କରି ଅଖିମୁଠି ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଖୁଣ୍ଟା ବ୍ଲକ୍‌ର ଉପାଧକ୍ଷା ଜବା କିଷ୍କୁ, ବଡ଼ଫେଣୀ ସରପଞ୍ଚ ନିୟତୀ ନାଏକ, ଡୁକୁରା ସରପଞ୍ଚ ପାର୍ବତୀ ନାଏକଙ୍କ ସମେତ ଖୁଣ୍ଟା ବ୍ଲକ୍ କୃଷି ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସ୍କୁଟିରୁ ପଡ଼ି ମହିଳା ଗୁରୁତର, ୮ ମାସର ଝିଅ ଆହତ

ମୋରଡ଼ା,୨୩।୪(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ମାଳିହତାଠାରେ ରବିବାର ସ୍କୁଟିରୁ ପଡ଼ି ଜଣେ ମହିଳା ଗୁରୁତର ହୋଇଥିବା ବେଳେ ତାଙ୍କ ୮ ମାସର ଝିଅ ଆହତ ହୋଇଛି। ସୂଚନା ଅନୁଯାୟୀ, ଖୁରୁଣ୍ଟିଆ ଗ୍ରାମର ମଣ୍ଟୁ ମହାକୁଡ଼ ତାଙ୍କ ସ୍ତ୍ରୀ ଅନୁ ମହାକୁଡ଼ଙ୍କ ସହ ୩ ଛୁଆଙ୍କୁ ସ୍କୁଟିରେ ବସାଇ ବାରିପଦା ଅଭିମୁଖେ ଯାଉଥିବା ବେଳେ ସେମାନେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ମଣ୍ଟୁଙ୍କ ସହ ୮ବର୍ଷର ଝିଅ ଓ ୪ ବର୍ଷ ପୁଅର କିଛି କ୍ଷତି ହୋଇ ନ ଥିଲା। ଅନୁ କୋଳରେ ଧରିଥିବା ୮ ମାସର ଝିଅ ସହ ପଡ଼ି ଗୁରୁତର ହୋଇଥିଲେ। ଶିଶୁକନ୍ୟା ମୁଣ୍ଡରେ ମଧ ଆଘାତ ଲାଗିଛି। ସ୍ଥାନୀୟ ମହିଳା ସବିତା ବେହେରା ତାଙ୍କ ପୁଅ ସହ ଶିଶୁକନ୍ୟାଙ୍କୁ ନିଜ ସ୍କୁଟିରେ ମୋରଡ଼ା ମେଡିକାଲକୁ ନେଇଥିଲେ। ସେହିପରି ସ୍ଥାନୀୟ ଲୋକଙ୍କ ସହାୟତାରେ ମୋରଡ଼ା ବଜାର ଶାନ୍ତି କମିଟି ଓ ଆଞ୍ଚଳିକ ସୁରକ୍ଷା ପରିଷଦ ସଦସ୍ୟ ଅବିନାଶ ମହାନ୍ତି, ସତ୍ୟବାନ ବେହେରା ଅନ୍ୟମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଶିଶୁକନ୍ୟା ସୁସ୍ଥ ଥିବାବେଳେ ମହିଳାଙ୍କୁ ବାରିପଦା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଗୋଟିଏ ନଳକୂପକୁ ୧୦୦ ପରିବାର

## ମହାପାତ୍ରସାହିରେ ଜଳ ସଙ୍କଟ

କଣ୍ଟିପାଳ/ଆନନ୍ଦପୁର,୨୩।୪ (ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତ କଣ୍ଟିପାଳ ମହାପାତ୍ର ସାହିରେ ପାନୀୟ ଜଳ ସଙ୍କଟ ଉତ୍କଟ ହୋଇଛି। ଗ୍ରୀଷ୍ମ ପ୍ରଭାବ ବୃଦ୍ଧି ଯୋଗୁ କୂଅ, ପୋଖରୀ ଶୁଖିଯାଇଛି। ଫଳରେ ଗ୍ରାମରେ ଥିବା ଏକମାତ୍ର ନଳକୂପ ଉପରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଭର କରୁଛନ୍ତି। ସମସ୍ୟା ନେଇ ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟରେ ଗୁହାରି କରିଥିଲେ ମଧ୍ୟ କିଛି ଫଳ ମିଳୁନାହିଁ।

ସୂଚନା ଅନୁଯାୟୀ, ସାହିରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ଗ୍ରାମରେ ପାନୀୟ ଜଳର ବହୁ ଅସୁବିଧା ରହିଛି। ସାହିରେ ୨ଟି ନଳକୂପ ଥିବା ବେଳେ ଗୋଟିଏ ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଛି। ଅନ୍ୟ ଏକ ନଳକୂପର ଭିତର ପାଇପ୍ ଲିକେଜ ଥିବାରୁ ନଳକୂପରୁ ସ୍ୱଳ୍ପ


ପାଣି ପାଇଁ ମହିଳା ନଳକୂପ ମୂଳେ ଅପେକ୍ଷା କରି ରହିଛନ୍ତି।

ପରିମାଣରେ ପାଣି ବାହାରୁଛି। ଫଳରେ ଲୋକମାନ ଗୋଟେ ବାଲ୍‌ଟି ପାଣି ପାଇ ଘଣ୍ଟା ଘଣ୍ଟା ସମୟ ଅପେକ୍ଷା କରିବାକୁ ପଡୁଛି। ଗୋଟିଏ ନଳକୂପରେ ଅନେକ ସମୟରେ ମାତ୍ରାଧିକ ଭିଡ଼ ଲାଗି ରହିବା କାରଣରୁ ପାଟିତୁଣ୍ଡ ହେବା ଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଏଭଳି ଏକ ମୌଳିକ ସମସ୍ୟା ସମ୍ପର୍କରେ ମହାପାତ୍ର ସାହିବାସୀ ଅନେକ ଥର ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ହେଲେ ଅଦ୍ୟାବଧି ପାନୀୟ ଜଳ ଭଳି ସମସ୍ୟାର ସମାଧାନ ହୋଇପାରିନାହିଁ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଦିଗରେ ପ୍ରଶାସନିକ ଅଧିକାରୀ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ପାନୀୟ ଜଳ ସଙ୍କଟ ସମ୍ପର୍କରେ ଶନିବାର ଆନନ୍ଦପୁର ଉପଜିଲାପାଳ ଅନୀଲ କୁମାର ସେଠୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଉପଜିଲାପାଳ ତୁରନ୍ତ ଏ ପ୍ରସଙ୍ଗରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନାକରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଅଖିମୁଠି ଅନୁକୂଳ କଲେ ସଦର ବିଧାୟକ


ସଦର ବିଧାୟକ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

ପାଟଣା/କେନ୍ଦୁଝର,୨୩।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଟଣା ବ୍ଲକ୍ ମୂଷାଖରୀ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଯୋଗଦେଇ ଚଳିତ ଖରିଫ ଋତୁରେ କୃଷି ପ୍ରଧାନ ଜିଲା କେନ୍ଦୁଝରର ଚାଷୀଙ୍କ ଭଲ ଫସଲ ଉତ୍ପାଦନ କାମନା କରିଥିଲେ। ଚାଷୀମାନଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ପ୍ରଦତ୍ତ କୃଷକ କଲ୍ୟାଣ ଯୋଜନାରୁ ଚାଷୀମାନେ ଲାଭାନ୍ୱିତ ହେବେ ବୋଲି ସେ କହିଥିଲେ। କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପଟଣା ଅଧକ୍ଷ ସୁରେନ ମହାନ୍ତ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। ପରେ ଦୁର୍ଯ୍ୟୋଧନ ପାତ୍ରଙ୍କ ଜମିରେ ମୁଖ୍ୟ ଅତିଥିଙ୍କ ସମେତ ରାଜ୍ୟ କୁଡୁମିସେନା ଉପସଭାପତି ତଥା ବରିଷ୍ଠ ବିଜେଡି ନେତା ମିତ୍ରଭାନୁ ମହାନ୍ତ ହଳ କରି ଅଖି ଅନୁକୂଳ କରିଥିଲେ। ମୂଷାଖରୀ ସରପଞ୍ଚ ଭାମାମଣୀ ଦାସ, ବଡ଼ପାଟଣା ସରପଞ୍ଚ ବିନତି ବାନରା, ପାଟଣା ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, ଘଟଗାଁ କୃଷି ଜିଲା ଅଧିକାରୀ ମିହିର ସାହୁ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ମଲ୍ଲିକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଜୟନ୍ତ ନାଏକ, ବ୍ଲକ୍ କୃଷି ଅଧିକାରୀ କୃପାସିନ୍ଧୁ ସାହୁ, ବ୍ଲକ୍ ପ୍ରାଣୀ ଧନ ଚିକିତ୍ସା ଅଧିକାରୀ ବିଜୟ ସେଠି ପ୍ରମୁଖ ଯୋଗଦେଇଥିଲେ। ସହକାରୀ କୃଷି ଅଧିକାରୀ ପରେଶ ଦାଶ, ବର୍ଷା ବୈଶାଳୀ, କୃଷି ଅଧିଦର୍ଶକ ଦୁର୍ଗା ଚରଣ ତ୍ରିପାଠୀ, ଅଭୟ ରାଉତ ପରିଚାଳନା କରିଥିଲେ। ଏହି ଅବସରରେ ଓଡିଶା ମିଲେଟ ମିଶନ ପକ୍ଷରୁ ଆୟୋଜିତ ମାଣ୍ଡିଆ ଷ୍ଟଲକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ସୁଭସ୍ମିତା ମହାନ୍ତଙ୍କୁ ପଶୁ ସମ୍ପଦ, ବୁଧୁନି ମହାନ୍ତଙ୍କୁ ମତ୍ସ୍ୟ ଚାଷ, ପୁରୁଷୋତ୍ତମ ମହାନ୍ତଙ୍କୁ କୃଷି, ହେମଲତା ମହାନ୍ତଙ୍କୁ ଉଦ୍ୟାନ କୃଷି ଓ ଟଙ୍କଧର ମହାନ୍ତଙ୍କୁ ମୃତ୍ତିକା ସଂରକ୍ଷଣରେ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସମବାୟ ସମ୍ପାଦକ, କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ

### ସମ୍ପାଦିକାଙ୍କୁ ନିଲମ୍ବନ ପ୍ରସଙ୍ଗ

ତିହିଡ଼ି,୨୩।୪(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ନିଶ୍ଚନ୍ତପୁର ସେବା ସମବାୟ ସମିତିର ସମ୍ପାଦିକା ଗୀତାଞ୍ଜଳି ଦାସଙ୍କୁ ସଭାପତି ନିଲମ୍ବନ କରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ନିଲମ୍ବନ ଆଦେଶ ପ୍ରତ୍ୟାହାର କରା ନ ଗଲେ ସମ୍ପାଦକ ଓ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଶନିବାର ବାଲେଶ୍ୱର-ଭଦ୍ରକ ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ କରି ସୂଚନା ଦିଆଯାଇଛି। ମଙ୍ଗଳପୁର ସେବା ସମବାୟ ସମିତି ପରିସରରେ ଅନୁଷ୍ଠିତ ସମ୍ମିଳନୀରେ ସଂଘର ସଭାପତି ନିରଞ୍ଜନ ସାହୁ ଯୋଗଦେଇ ସଭାପତିମାନେ ସମ୍ପାଦକଙ୍କୁ କିଛି ବେଆଇନ କାର୍ଯ୍ୟ କରିବାକୁ ବାଧ କରୁଛନ୍ତି। ଏଥିରେ ସମ୍ପାଦକମାନେ ରାଜି ନ ହେଲେ ଆକ୍ରୋଶ ମୂଳକ ଭାବେ ଅସମ୍ବିଧାନିକ ଭାବେ ରିଜୋଲିସନ କରି ନିଲମ୍ବନ କରୁଥିବା ଦର୍ଶାଇଥିଲେ। ଏହି ନିଲମ୍ବନ ପ୍ରତ୍ୟାହାର ନ ହେଲେ ସଂଘ ପକ୍ଷରୁ ମେ ୧୫ ତାରିଖରେ ସମସ୍ତ ସମବାୟ ସମିତି କର୍ମଚାରୀ କଳାବ୍ୟାଜ ପରିଧାନ କରିବେ। ମେ ୨୨ ସୁଦ୍ଧା ଯଦି ଏହାର କୌଣସି ସମାଧାନ ନ ହୁଏ ତେବେ ୨୩ ଠାରୁ ସମବାୟ ସମିତି କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ତିହିଡ଼ି ଶାଖା ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯୋଗ୍ୟ, ନିଲମ୍ବନକୁ ବେଆଇନ ଦର୍ଶାଇ ସମ୍ପାଦିକା ହାଇକୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି। ସମ୍ମିଳନୀରେ କାର୍ଯ୍ୟକାରୀ କମିଟି ସଭ୍ୟ ନିର୍ମଳ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ମଲ୍ଲିକ, କାମିନୀକାନ୍ତ ପଣ୍ଡା, ବାଲେଶ୍ୱର ଶାଖା ସମ୍ପାଦକ ଦୀପକ ଜେନା, ଜିଲା ସଂଗଠନ ସମ୍ପାଦକ ମାୟାଧର ବେହେରା, ତିହିଡ଼ି ଶାଖା ସମ୍ପାଦକ ସଞ୍ଜୟ ନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ମନୋରଞ୍ଜନ ବଳଙ୍କ ସମେତ ସମ୍ପାଦକ କୃପାସିନ୍ଧୁ ଦାସ, ରାଜେନ୍ଦ୍ର ବେହେରା, ଶଙ୍କର୍ଷଣ ଜେନା, ସତ୍ୟଭାମା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଜପାର ବୁଥ୍‌ସ୍ତରୀୟ ବିଧାୟକଙ୍କ ପ୍ରଶିକ୍ଷଣ ଶିବିର

ଭୋଗରାଇ, ୨୩।୪

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ତଳକିଆ ପଞ୍ଚାୟତର ବୁଥ୍‌ସ୍ତରୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ପକ୍ଷରୁ ଦଳୀୟ ନେତା ଓ କର୍ମୀମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଇଂ. ନାୟକ ଦଳୀୟ କର୍ମୀମାନଙ୍କୁ ଆଗାମୀ ନିର୍ବାଚନରେ ଦଳ କିପରି ଶାସନ କ୍ଷମତାକୁ ଆସିବ ସେ ସମ୍ପର୍କରେ ଗୁରୁମନ୍ତ୍ର ଦେଇଥିଲେ। ଅନ୍ୟପକ୍ଷରେ ବିଧାୟକ ଇଂ. ନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ନୀଳଗିରି ନିର୍ବାଚନମଣ୍ଡଳୀରେ ଅନ୍ତର୍ଭୁକ୍ତ ଔପଦା ବ୍ଲକରେ ଥିବା ଆଦିବାସୀ ଅଞ୍ଚଳରେ ବିକାଶ ସହ ବ୍ଲକର ବିକାଶ ପାଇଁ ସ୍ପେଶାଲ ଡେଭଲପମେଣ୍ଟ କାଉନ୍‌ସିଲିଂ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପତ୍ର ଲେଖିଥିବା ଜଣାଯାଇଛି। ଏପରିକି ବିଭାଗୀୟ ସଚିବଙ୍କୁ ଏ ସମ୍ପର୍କରେ ପତ୍ର ମାଧ୍ୟମରେ ଅବଗତ କରିଥିବା ଜଣାଯାଇଛି। ଏହି ଶିବିରରେ ବିଧାୟକଙ୍କ ସମେତ ଔପଦା ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ବେହେରା, ନାରୀନେତ୍ରୀ ଶାନ୍ତିଲତା ଲେଙ୍କା, ବରିଷ୍ଠ ନେତା ଉପେନ୍ଦ୍ର ପ୍ରସାଦ ପଣ୍ଡା, ଜିତେନ୍ଦ୍ର ବିଶ୍ୱାଳ, ଭାଜପା ଯୁବମୋର୍ଚ୍ଚା ସଭାପତି ପ୍ରମୋଦ କୁମାର ବେହେରା, ହରିହର ମହଲା, ଅଲେଖ ବେହେରା, ସୁର ନାୟକ, ଭାସ୍କର ଖିଲାର, ଭାଗବତ ଖିଲାର, ବିକ୍ରମ କେଶରୀ ପାତ୍ରଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ରହି ଭାଗ ନେଇଥିଲେ।

## ପାରମ୍ପରିକ ଚାଷକୁ ଅଗ୍ରାଧିକାର ଦେବାକୁ ଆହ୍ୱାନ


ବ୍ଲକ୍ କୃଷି ଓ ପରାମର୍ଶ କେନ୍ଦ୍ର ଓ ଜିଲା ମୁଖ୍ୟ କୃଷି ଅଧିକାରୀ ଓ ଅନ୍ୟମାନେ।

ଯୋଡ଼ା,୨୩।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଓ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମାର ମିଳିତ ଆନୁକୂଲ୍ୟରେ ଯୋଡ଼ା ବ୍ଲକ୍ ଲୋଇଡ଼ାପଦା ପଞ୍ଚାୟତର କାଟେସାହିଠାରେ ଭୂମିପୂଜା ଓ ଅଖିମୂଠି ଅନୁକୂଳ କରାଯାଇଥିଲା। ଯୋଡ଼ା ବ୍ଲକ୍ ଅଧକ୍ଷ କବିନ୍ଦ୍ର ନାଏକ, ଲୋଇଡ଼ାପଦା ସରପଞ୍ଚ ବିଳାସିନୀ ଓରାମ, ଯୋଡ଼ା ବ୍ଲକ୍ କୃଷି ଅଧିକାରୀ ସଞ୍ଜୁକ୍ତା ମୁଣ୍ଡା, ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ରଙ୍କ ସମେତ ସ୍ଥାନୀୟ ବାସିନ୍ଦା ସୁରେଶ ବାରିକ ପ୍ରମୁଖ ଯୋଗଦେଇ ପାରମ୍ପାରିକ ଚାଷକୁ ଅଗ୍ରାଧିକାର ଦେବାକୁ କହିଥିଲେ। ପଞ୍ଚାୟତର ଅଗ୍ରଣୀ ଚାଷୀ ତଥା କୃଷକ ଉପଦେଷ୍ଟା ମଣ୍ଡଳୀର ସହ ସଭାପତି ଦଶରଥ ବାରିକଙ୍କ କ୍ଷେତରେ ପାରମ୍ପାରିକ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଓ ପୂଜାପାଠ କରାଯାଇ ଅଖିମୁଠି ବୁଣାଯାଇଥିଲା। ଆୟୋଜିତ ସଭାରେ ଯୋଡ଼ା ବ୍ଲକ୍ ଅଧକ୍ଷ ତଥା ଏଫଆଇଏସି ଅଧକ୍ଷ କବୀନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ବ୍ଲକ୍ କୃଷି ଅଧିକାରିଣୀ ସଞ୍ଜୁକ୍ତା ମୁଣ୍ଡା ଚାଷକାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପଞ୍ଚାୟତର ଅଗ୍ରଣୀ ଚାଷୀ ଭାବେ ରୟା ମୁଣ୍ଡାଙ୍କୁ ବ୍ଲକ ଅଧକ୍ଷ ସମ୍ବର୍ଦ୍ଧିତ କରିଥିଲେ। ଯୋଡ଼ା ବ୍ଲକ୍ କୃଷି ଅଧିକାରୀ ଗୀତାଞ୍ଜଳୀ ରାଉତ, ସାଧୁଚରଣ ପାତ୍ର, ଜୟନ୍ତ ମହାନ୍ତି, ପ୍ରଦୀପ ନାଏକ, ଭକ୍ତବନ୍ଧୁ ବଡ଼ନାୟକ, ନିରୂପମା ମହାନ୍ତ, ମଧୁସ୍ମିତା ଧୀର, ଜୟପ୍ରକାଶ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ନିଜ ମାଟିର କଳା, ସଂସ୍କୃତିକୁ ବଳିଷ୍ଠ କରେ ମହୋତ୍ସବ

### ସରିଲା ଅସୁରିଆ ଚୈତି ମହୋତ୍ସବ

ଖଇରା, ୨୩।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୋର ପଞ୍ଚାୟତର ଅସୁରିଆଠାରେ ମା' ଜାଗୁଳାଇ କ୍ଲବ ଆନୁକୂଲ୍ୟରେ ବୁଧବାର ଓ ଗୁରୁବାର ୨ଦିନ ଧରି ଅସୁରିଆ ଚୈତି ମହୋତ୍ସବ ନୃତ୍ୟଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇଯାଇଛି । ବୁଧବାର ଉଦ୍‌ଘାଟନୀ ଦିବସରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ ନିଜ ମାଟିର କଳା ସଂସ୍କୃତିକୁ ବଳିଷ୍ଠ କରିଥାଏ ବୋଲି ପ୍ରକାଶ କରିଥିଲେ। ଏଥିସହ ମିରିପୁର ଖଇରାରୁ ଗୁଡିଙ୍ଗିଆ ଦେଇ ଅସୁରିଆ ପର୍ଯ୍ୟନ୍ତ ରାସ୍ତା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସାମିଲ ହେବା କଥା ବିଧାୟକ ଘୋଷଣା କରିଥିଲେ। ଜିଲା ପରିଷଦ ମାନସ କୁମାର ଦାଶ, ରଶ୍ମିତା ମହାପାତ୍ର, ସରପଞ୍ଚ ଜୟନ୍ତୀ ପତି, ସମିତିସଭ୍ୟା ଦମୟନ୍ତୀ ସିଂ, ଆଇନଜୀବୀ ପ୍ରହ୍ଲାଦ ପତି, ପୂର୍ବତନ ସମିତିସଭ୍ୟ ଭରତ କୁମାର ଜେନା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଜାଗୁଳାଇ କ୍ଲବ ସଭାପତି ପ୍ରଦୀପ ସାମଲ ପୌରୋହିତ୍ୟ ଓ ସମ୍ପାଦକ ତପନ ବାରିକ ବିବରଣୀ ପାଠ କରିଥିଲେ । ସେହିଭଳି ଉଦ୍‌ଯାପନୀ ଦିବସରେ ଜିଲା ପରିଷଦ ସଭ୍ୟ ସୁଷମା ମହାପାତ୍ର, ବ୍ଲକ ବିଜେଡି ମହିଳା ସଭାପତି ଜୟନ୍ତୀ ମହଲା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣନାଥ ଓଝା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟ, କୃଷି, ଖବର ପରିବେଷଣ, ଶିକ୍ଷକତା, ପାଲା ପରିବେଷଣ ତଥା ଅନ୍ୟାନ୍ୟ କ୍ଷେତ୍ରରେ ବିଶେଷ ପାରଦର୍ଶିତା ପାଇଁ ବିଷ୍ଣୁ ଉପାଧ୍ୟାୟ, ତପୋଧନ ବାରିକ, ରବୀନ୍ଦ୍ର ଦାସ, ରବୀନ୍ଦ୍ର ମହାନ୍ତି, ମାନସ ମୁଦୁଲି, ନିରୁପମା ନାୟକ, ଅଜୟ ଦ୍ୱିବେଦୀ, ସୁରେଶ ମାଝି, ଦେବସ୍ମିତା ବେହେରା, ବିନୟ ପ୍ରସାଦ ନାୟକ ଓ ପଦ୍ମଲୋଚନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର କୋଷାଧ୍ୟକ୍ଷ ରାଜକିଶୋର ପରିଡା, ଉପସଭାପତି ଯଦୁନାଥ ସାମଲଙ୍କ ସମେତ ଅସୁରିଆ ଓ ନନ୍ଦୋର ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

## ତ୍ରିନାଥ ମନ୍ଦିର ବାର୍ଷିକୋତ୍ସବ

ଗୋପବନ୍ଧୁ ନଗର, ୨୩।୪ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ରବିବାର ତ୍ରିନାଥ ମନ୍ଦିର ବର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରମୋଦ କୁମାର ନାୟକ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜକ ତାପସ କୁମାର ଆଚାର୍ଯ୍ୟ ଓ ମୁଖ୍ୟ ପୁରୋହିତ ନିଶାକର ଆଚାର୍ଯ୍ୟ ଠାକୁରଙ୍କ ନୀତିକାନ୍ତି ସହ ସୂର୍ଯ୍ୟପୂଜା, ଚଣ୍ଡୀପାଠ, ହୋମଯଜ୍ଞ ଆଦି ସମ୍ପନ୍ନ କରିଥିଲେ। ଅପରାହ୍ନରେ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। କର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ କୃଷକ ଦିବସ ପାଳିତ

ଚମ୍ପୁଆ,୨୩।୪(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ରଜିଆ ପଞ୍ଚାୟତର ଶଶାଙ୍ଗଠାରେ ବ୍ଲକ୍ କୃଷି ପକ୍ଷରୁ ଅକ୍ଷୟ ତୃତୀୟାରେ କୃଷକ ଦିବସ ଓ ଅଖିମୁଠି ଅନୁକୂଳ କରାଯାଇଛି। କାର୍ଯ୍ୟକ୍ରମରେ କୃଷି ଜିଲା ଅଧିକାରୀ ମନୋରଞ୍ଜନ ମଣ୍ଡଳ, ପ୍ରାଣୀ ଚିକିତ୍ସା ଅଧିକରୀ ଡା. ଶିବଚରଣ ସିଂହ, ସହକାରୀ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ମିଶ୍ର, ରମାମଣୀ ସାହୁ ସମେତ କୃଷି ଅଧିଦର୍ଶକ, କୃଷି କର୍ମଚାରୀ, କୃଷକ ସାଥୀ, ସ୍ଥାନୀୟ ପଞ୍ଚାୟତର ଲୋକ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଶଶାଙ୍ଗ ଗ୍ରାମର ଚାଷୀ ତ୍ରିଶଙ୍କୁ ନାଏକଙ୍କ ଜମିରେ ପୂଜାର୍ଚ୍ଚନା କରାଯାଇ ଅଖିମୁଠି ଅନୁକୁଳ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ୍ କୃଷି ଅଧିକାରୀ ନୀଳମାଧବ ଦାସ ପରିଚାଳନା କରିଥିବା ବେଳେ ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ଶତାଧିକ ଚାଷୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ନୂତନ ଡାକ୍ତରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାହାନଗା, ୨୩।୪(ଡି.ଏନ.ଏ.)

ବାହାନଗା ବ୍ଲକ ଖରାସାହାପୁର ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ନୂତନ ଡାକ୍ତର ନିଯୁକ୍ତି ହୋଇଥିବାରୁ ଗ୍ରାମବାସୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଡାକ୍ତର ନ ଥିବାରୁ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିଲେ । ଗତ ତା ୨୦।୪।୨୩ ରିଖରେ ଡାକ୍ତର ରୁଦ୍ରପୂର୍ଣ୍ଣ ମଲ୍ଲିକ ନିଯୁକ୍ତି ପାଇବା ପରେ ସେ ରୋଗୀଙ୍କୁ ଚିକିତ୍ସା ଆରମ୍ଭ କରିଦେଇଛନ୍ତି। ଏନେଇ ଗ୍ରାମବାସୀ ଶନିବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାଗତ କରିଥିଲେ। ଗ୍ରାମ ସଭାପତି ଆକାଶ ରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ କୈଳାସ ଚନ୍ଦ୍ର ରାଉତ ଯୋଗ ଦେଇଥିଲେ।

## ଶ୍ରୀ ହରିବଳଦେବ ଜୀଉଙ୍କ ଚନ୍ଦନ ଯାତ୍ରା

ଗୋପବନ୍ଧୁ ନଗର,୨୩।୪ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ଆରପଟା ପଞ୍ଚାୟତସ୍ଥିତ ଖିରିପଦା ଗ୍ରାମର ଶ୍ରୀ ହରିବଳଦେବ ଜୀଉ ମନ୍ଦିର ପରିସରରେ ରାଧା କୃଷ୍ଣଙ୍କର ଚନ୍ଦନ ଯାତ୍ରା ପାଳିତ ହୋଇଯାଇଛି। ମନ୍ଦିର ବେଢ଼ା ମଧ୍ୟରୁ ରାଧା କୃଷ୍ଣଙ୍କ ମେଢ଼ ସହ ଏକ ବିରାଟ ଶୋଭାଯାତ୍ରା ଗ୍ରାମ ପରିକ୍ରମା ପରେ ମନ୍ଦିର ପରିସରରେ ଥିବା ପୋଖରୀ ମଧ୍ୟରେ ନାବଖେଳି କରିଥିଲେ। ଭକ୍ତମାନଙ୍କ ଦ୍ୱାରା ବନ୍ଦାପନା କାର୍ଯ୍ୟ ସହ ପୂଜା ଅର୍ଚ୍ଚନା ଓ ଭୋଗ ଲଗା କାର୍ଯ୍ୟ ହୋଇଥିଲା। ପରମ୍ପରା ଅନୁଯାୟୀ ଜଗନ୍ନାଥ ମହାପ୍ରଭୁଙ୍କ ରଥକାଠ ଓ ଚକ ଅକ୍ଷୟ ତୃତୀୟାରେ ଶୁଭାରମ୍ଭ ହୋଇଛି। ମନ୍ଦିର ପୂଜକ ପ୍ରମୋଦ ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ରଥରେ ଛେରା ପହଁରା କାର୍ଯ୍ୟ କରି ଆସୁଥିବା କେଶବ ଚନ୍ଦ୍ର ଦାଶ ରଥ ଚକରେ କାଠ ଲଗାଇ ଶୁଭାରମ୍ଭ କରିଥିଲେ। କୃଷକମାନଙ୍କ ଦ୍ୱାରା ଧାନବୁଣା ବା ଅଖିମୁଠି କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି କୁଆମରା, ସାଇଁକୁଳା, ପୁରୁଣା ବାରିପଦା, ଜୟପୁର, ସାନବେଲାକୁଟି, କୁଶଳଦା, ହାତୀକୋଟ, ଦାନ୍ଦୁସାହି ପ୍ରଭୃତି ସ୍ଥାନରେ ରଥ ଚକରେ କାଠ ଲଗା କାର୍ଯ୍ୟର ଶୁଭାରମ୍ଭ ହୋଇଛି। ସେହିପରି ଖୁଣ୍ଟା ବ୍ଲକ୍‌ର ଖୁଣ୍ଟାଠାରେ ଜ୍ୟୋତି ରଞ୍ଜନ ମିଶ୍ର, ବାସିପିଠାଠାରେ ଅନୀଲ ପୃଷ୍ଟି, ବାହାନଡ଼ାଠାରେ ପ୍ରମୋଦ ପାତ୍ର, ଗୟଳମରାଠାରେ ମଙ୍ଗଳ ବିନ୍ଧାଣୀ ରଥ ଚକରେ କାଠ ଲଗାଇବା କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏଥି ସହିତ କରକଚିଆ, କେନ୍ଦୁଗାଡ଼ି ପ୍ରଭୃତି ସ୍ଥାନରେ ମଧ୍ୟ ରଥ ଚକର ପୂଜା ଅର୍ଚ୍ଚନା କରାଯାଇଛି।

## ଔପଦାରେ ସାମ୍ବାଦିକ ଏକତା ମଞ୍ଚ ଗଠିତ

**ଔପଦା, ୨୩।୪:** ଅକ୍ଷୟ ତୃତୀୟା ଦିବସ ଅବସରରେ ରବିବାର ଔପଦା ସାମ୍ବାଦିକ ଏକତା ମଞ୍ଚ ତଳକିଆ ପଞ୍ଚାୟତ ସଭା ଗୃହରେ ଗଠନ କରାଯାଇଛି । ବରିଷ୍ଠ ଖବରଦାତା ରାମଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଔପଦାରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରାଯିବା ସହ ସାମ୍ବାଦିକ ଏକତା ମଞ୍ଚ ଗଠନ ସମ୍ପର୍କରେ ଆଲୋଚନା କରାଯାଇ ଏହି ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ସ୍ୱାଭିମାନର ସହ ଏକ ମନ ଏକ ପ୍ରାଣରେ ସାମ୍ବାଦିକତା କର୍ତ୍ତବ୍ୟ କରିବା ସହ ସାମ୍ବାଦିକ ଏକତା ମଞ୍ଚ ଗଠନକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ମତ ପ୍ରକାଶ ପାଇଥିଲା। ସର୍ବସମ୍ମତି ନିଷ୍ପତ୍ତିକ୍ରମେ ସଭାପତି ପଦରେ ଖବରଦାତା ଧରିତ୍ରୀ ପଣ୍ଡା, ସାଧାରଣ ସମ୍ପାଦକ ପଦରେ ଖବରଦାତା ନୀଳାମ୍ବର ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ଗଠିତ ମଞ୍ଚରେ ଖବରଦାତା ଗୟାଧର ତ୍ରିପାଠୀ, ଦେବେନ୍ଦ୍ର ଦାଶ, ଯୋଗମାୟା କର, ଗୟାଧର ସାହୁ, ମନୋଜ କୁମାର ପ୍ରଧାନ, ଶଙ୍କର୍ଷଣ ମହାନ୍ତି, ଶରତ ନାୟକ, ଦୁର୍ଗାମାଧବ ଉଝା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ବସ୍ତା ଦମକଳ କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ

**ବସ୍ତା, ୨୩।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତାରେ ଅବସ୍ଥିତ ଦମକଳ କେନ୍ଦ୍ରର ନୂତନ ଗୃହ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ ଏହି କେନ୍ଦ୍ର ଏକ ଛୋଟ ଘରେ ଚାଲୁଥିବା ବେଳେ ଉପସ୍ଥିତ ୩ଟି ଗାଡି ବାହାରେ ରହି ଆସୁଥିଲା। ସରକାର ନୂତନ ଗୃହର ଆବଶ୍ୟକତା ଉପଲବ୍ଧି କରି ୯୪,୨୨,୦୦୦ ଟଙ୍କାର ବ୍ୟୟ ଅଟକଳରେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ୨୦୨୨ ଏପ୍ରିଲରେ ଆରମ୍ଭ ହୋଇ ୨୦୨୩ ଏପ୍ରିଲରେ ଶେଷ ହେବା ପରେ ରବିବାର ପବିତ୍ର ଅକ୍ଷୟତୃତୀୟାରେ ବିଧାୟକ ନିତ୍ୟାନନ୍ଦ ସାହୁ, ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଓଡ଼ିଶା ଫାୟାର ସର୍ଭିସର ଡି.ଜି. ସନ୍ତୋଷ କୁମାର ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିବା ବେଳେ ବାଲେଶ୍ୱରର ଡେପୁଟି ଫାୟାର ଅଫିସର ସତ୍ୟପୀର ବେହେରା, ଆସିଷ୍ଟାଣ୍ଟ ଅଫିସର ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି, ବସ୍ତା ଷ୍ଟେସନ ଅଫିସର ପ୍ରତାପ କୁମାର ପାଲ ତଥା ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ବଜ୍ରପାତରେ ଜଳିଗଲା ୬ବଖରା

ତିହିଡ଼ି, (ଡି.ଏନ.ଏ.)-ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କୁବେରା ପଞ୍ଚାୟତ କଷଟି ଗ୍ରାମରେ ଶନିବାର ରାତିରେ ବଜ୍ରପାତରେ ୬ ବଖରା ଘର ଜଳିଯାଇଛି। ୬ପରିବାରର ଘର ପୋଡ଼ିଯାଇଛି। ବଜ୍ରପାତ ଯୋଗୁ ପ୍ରଥମେ ଗ୍ରାମର ପ୍ରାଣବନ୍ଧୁ ରାଉତଙ୍କ ଗୁହାଳେ ଅଗ୍ନିକାଣ୍ଡ ଘଟିଥିଲା। ପରେ ନିଆଁ ଆଖପାଖ ଘରକୁ ବ୍ୟାପି ଯିବାରୁ ଲଲାଟେନ୍ଦୁ ରାଉତ, ରଶ୍ମିତା ବେହେରା, ରେବତୀ ରାଉତ, ରଶ୍ମିରଞ୍ଜନ ରାଉତ ଓ ଗୋପବନ୍ଧୁ ରାଉତଙ୍କ ଘର ଜଳି ଯାଇଥିଲା। ତିହିଡ଼ିରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



## ସଂକ୍ଷେପରେ

### ରାଧାକୃଷ୍ଣଙ୍କ ନୂତନ ମନ୍ଦିର କାର୍ଯ୍ୟ ଆରମ୍ଭ



କେନ୍ଦୁଝର,୨୩।୪(ସ୍ୱ.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ କେନ୍ଦୁଝର ଗଡ଼ସ୍ଥ ଜଗନ୍ନାଥପୁର ଗ୍ରାମର ଶ୍ରୀ ଶ୍ରୀ ରାଧାକୃଷ୍ଣ ପ୍ରଭୁଙ୍କ ଏକ ନୂତନ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପଣ୍ଡିତ ଡ. ଗଣପତି ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏବଂ ସହଯୋଗୀ ପଣ୍ଡିତ ପ୍ରଦୀପ୍ତ ନନ୍ଦ ଓ ପଣ୍ଡିତ ଗୌରାଙ୍ଗ ପାଣି ସମଗ୍ର ପୂଜାର ଦାୟିତ୍ୱ ନେଇ ଭୂମି ପୂଜାର ଶୁଭାରମ୍ଭ କରିଥିଲେ। ଆଡ୍‌ଭୋକେଟ ମନୋରଞ୍ଜନ ପାଢ଼ି ଓ ତାଙ୍କ ସହ ଧର୍ମିଣୀ ସ୍ୱର୍ଣ୍ଣପ୍ରଭା ପାଢ଼ି କର୍ତ୍ତାଭାବେ ସଂକଳ୍ପ କରି ପୂଜା ସମ୍ପାଦନା କରିଥିଲେ। ଜଗନ୍ନାଥପୁରବାସୀ, ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା ଓ ପାଖାପାଖି ଅଞ୍ଚଳର ବହୁ ଭକ୍ତ ଆଗମନ ହୋଇଥିଲେ। ବହୁ ଧାର୍ମିକ ଓ ବିଶିଷ୍ଟ ଲୋକମାନେ ଉପସ୍ଥିତ ଥିଲେ।

### ଯାତ୍ରାରେ ବରିଷ୍ଠ ନାଗରିକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଚାନ୍ଦବାଲି, ୨୩।୪ (ଡି.ଏନ.ଏ.)- ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଓ ଏହାକୁ ବିରୋଧ କରିବାରୁ ଯାତ୍ରା କମିଟି ସଭ୍ୟମାନେ ଧକ୍କା ମାରି ବାହାର କରିଦେବା ଘଟଣାକୁ ନେଇ ପୀତବାସ ବାରିକ ନାମକ ବରିଷ୍ଠ ନାଗରିକ ଘଣ୍ଟେଶ୍ୱର ଫାଣ୍ଡିରେ ଏତଲା ଦେଇଛନ୍ତି। ଏହି ଫାଣ୍ଡି ଅଧୀନ ବଜାରପୁର ଗ୍ରାମର ପୀତବାସ ଅଭିଯୋଗ କରିଛନ୍ତି ଯେ, ଗତ ୨୦ ତାରିଖ ରାତିରେ ତିହିଡ଼ି ବ୍ଲକ ନରେନ୍ଦ୍ରପୁରସ୍ଥିତ ପାଟଣମଙ୍ଗଳାଠାରେ ଯାତ୍ରା ପରିବେଷଣ ହେଉଥିଲା। ସେ ଆଗଧାଡ଼ିରେ ବସି ଯାତ୍ରା ଦେଖୁଥିଲେ। ଜଣେ ଆଇଟମ୍ ଗାର୍ଲ ମଞ୍ଚରେ ନୃତ୍ୟ ପରିବେଷଣ କରୁଥିବା ବେଳେ ତାଙ୍କ ଅଶ୍ଳୀଳତାକୁ ଦେଖି ନ ପାରି ସେ ତଳକୁ ମୁହଁ କରି ବସିଥିଲେ। ଏହି ସମୟରେ ଆଇଟମ୍ ଗାର୍ଲ ତାଙ୍କ ମୁଣ୍ଡରେ ହାତ ମାରିଦେବାରୁ ସେ ଉତ୍‌କ୍ଷିପ୍ତ ହୋଇ ଜୋତା ଉଠାଇଥିଲେ। ଯାତ୍ରା କମିଟି ସଭ୍ୟମାନେ ତାଙ୍କ ପାଖରେ ପହଞ୍ଚି ତାଙ୍କୁ ଧକ୍କା ମାରି ବାହା କରି ଦେଇଥିଲେ। ଶନିବାର ତାଙ୍କ ଅଭିଯୋଗକ୍ରମେ ଉକ୍ତ ଆଇଟମ୍ ଗାର୍ଲ ଓ ଯାତ୍ରା କମିଟି ବିରୋଧରେ ବାଂଶଡ଼ା ଥାନାରେ ମାମଲା (ନଂ.୧୩୯/୨୩) ରୁଜୁ ହୋଇଛି।

### ନୂତନ ଜ୍ଞାନ କୌଶଳରେ ଚାଷ କରିବାକୁ ଆହ୍ୱାନ

ଧାମନଗର,୨୩।୪(ଡି.ଏନ.ଏ./ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ଅକ୍ଷୟ ତୃତୀୟା ପାଳିତ ହୋଇଯାଇଛି। ଚାଷୀମାନେ ପୂଜାର୍ଚ୍ଚନା କରିବା ସହ ଜମିରେ ଅଖି ମୁଠି ବୁଣି ଅନୁକୂଳ କରିଥିଲେ। ବ୍ଲକ କୃଷି ବିଭାଗ ଆନୁକୂଲ୍ୟରେ ଭଗସାହି ପଞ୍ଚାୟତଠାରେ ବ୍ଲକସ୍ତରୀୟ ଅଖିମୁଠି ଅନୁକୂଳ କରାଯାଇଥିଲା। ଦୟାନିଧି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରଦୀପ ମଲିକ ଯୋଗଦେଇ ବିଲରେ ଧାନ ବୁଣି ଚାଷକାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଏମ୍‌ପି ପ୍ରତିନିଧି ହରେକୃଷ୍ଣ ପାଢ଼ୀ, ବ୍ଲକ କୃଷି ଅଧିକାରୀ ଭାସ୍କର ଦାସ, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ, ସରପଞ୍ଚ ସୀତାକାନ୍ତ ମିଶ୍ର, ଗ୍ରାମ୍ୟ କୃଷି କର୍ମଚାରୀ ଶାନ୍ତନୁ ଜେନା, ଅଭିରାମ ଜେନା, ଅଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଦେବୋତ୍ତର ସମ୍ପତ୍ତି ଆକଳନ କରିବ ଏସ୍‌ଆଇଟି

ବାରିପଦା ଅଫିସ,୨୩।୪

ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ସମ୍ପତ୍ତିର ପୁନରୁଦ୍ଧାର ନିମନ୍ତେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ନେଇ ଦେବୋତ୍ତର କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେବାୟତ ରାଧାଶ୍ୟାମ ମହାପାତ୍ରଙ୍କ ଡବ୍ଲୁପି(ସି) ନଂ. ୩୬୪୮୨/୨୨ ଆବେଦନର ଶୁଣାଣି କରି ଦେବୋତ୍ତର କମିଶନଙ୍କ ପକ୍ଷରୁ ବାରିପଦା ସଦର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଓ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଜିଲାସ୍ତରୀୟ ଏକ ସ୍ୱତନ୍ତ୍ର ଅନୁଧ୍ୟାନକାରୀ ଦଳ(ଏସ୍‌ଆଇଟି) ଗଠନ କରି ଦେବୋତ୍ତର ଜମିର ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

ସୂଚନା ଅନୁଯାୟୀ, ରାଜରାଜୁଡ଼ା ଅମଳରୁ ନିର୍ମାଣ ହୋଇଥିବା ଜିଲାର ୧୦ଟି ମନ୍ଦିର ଉପଜିଲାପାଳ ଓ ୧୦ଟି ମଠକୁ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଟ୍ରଷ୍ଟି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସବୁର ରକ୍ଷଣାବେକ୍ଷଣ ଓ ପୂଜାନୀତି ପାଇଁ ପ୍ରଦତ୍ତ ଜମି ମୟୂରଭଞ୍ଜ ମିଶ୍ରଣ ସମୟରେ ଭୁଲ୍ ନିଷ୍ପତ୍ତି ଯୋଗୁ ଲୋକମାନେ ନିଜ ଦଖଲକୁ ନେଇଯାଇଥିଲେ। ତେବେ ଦେବୋତ୍ତର କମିଶନରଙ୍କ ପକ୍ଷରୁ ଟ୍ରିବ୍ୟୁନାଲ ମାଧ୍ୟମରେ ବିଭାଗର ୪୪,୨୨୧.୯୬ ଏକର ଜମି ଥିବା ଜଣାପଡ଼ିଛି। ସେଥିମଧ୍ୟରୁ ସେଟେଲମେଣ୍ଟ ସମୟରେ ହସ୍ତାନ୍ତରୀକରଣ ଜରିଆରେ ୩୭୬୬.୯୭ ଏକର ଜମି ବାରିପଦା ଦେବୋତ୍ତର ବିଭାଗକୁ ଆସିଛି। ଅବଶିଷ୍ଟ ଜମିକୁ ଜବରଦଖଲକାରୀମାନେ ଭୋଗ କରୁଛନ୍ତି। ଏହି ୩ ହଜାର ୭୬୬ ଏକର ଜମିରୁ ୭ଶହ ଏକରରୁ ଊର୍ଦ୍ଧ୍ୱ ଜମିରେ ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ଓ କାର୍ଯ୍ୟାଳୟ ଆଦି ରହିଛି। ଅନ୍ୟ ଜମଗୁଡ଼ିକରେ ନିର୍ମାଣ ହୋଇଥିବା ବସ୍‌ଷ୍ଟାଣ୍ଡ, ଖେଳପଡ଼ିଆ, ପୋଖରୀ, ବ୍ୟାଙ୍କ, ରାସ୍ତା ଓ ଦୋକାନ ଗୃହ ଦଖଲ ଅବସ୍ଥାରେ ରହିଛି। ୧୯୮୬ ମସିହାରେ ହୋଇଥିବା ସେଟେଲମେଣ୍ଟରେ ବାରିପଦା ଲାଲବଜାର ୟୁନିଟ ୫, ଖାତା ନଂ. ୧୫୦ ଅନୁଯାୟୀ ୧୩୭ଟି ପ୍ଲଟ୍ ୨୦୧୩ ମସିହାରେ ବାରିପଦା ପୌରପରିଷଦ ଅଧୀନକୁ ଆସିଥିବା ନେଇ ମହାପାତ୍ର ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଏହାକୁ ନେଇ ଦେବୋତ୍ତର ବିଭାଗର ଅତିରିକ୍ତ କମିଶନର ତଦନ୍ତ କରି ମୁଖ୍ୟ ଶାସନ ସଚିବ ଓ ଆଇନ ବିଭାଗକୁ ଚିଠି (ନଂ. ୮୪୦୨/୨୯ ନଭେମ୍ବର ୨୦୨୧)ରେ ଅବଗତ କରି ସ୍ୱତନ୍ତ୍ର ଅନୁଧ୍ୟାନକାରୀ ଦଳ(ଏସ୍‌ଆଇଟି) ଗଠନ କରି ୪୦ ହଜାର ୯୩୨.୨୪ ଡେସିମିଲ ଜମିର ଚିହ୍ନଟ କରିବାକୁ ସୁପାରିସ କରିଥିଲେ। ଏହାକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୫ଥର ବୈଠକ କରି ସମ୍ପତ୍ତିର ସାବିକ ଓ ହାଲ ରେକର୍ଡ ଅନୁଯାୟୀ ୪୪୨୨୧.୯୬ ଡେସିମିଲ ଜାଗାର ଚିହ୍ନଟ କରିବାକୁ ମୟୂରଭଞ୍ଜ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଅବସରପ୍ରାପ୍ତ ପ୍ରଶାସନିକ ସହାୟକ ଓ ରାଜସ୍ୱ ଅଧିକାରୀଙ୍କୁ ନିଯୁକ୍ତି ପୂର୍ବକ ଗାଡ଼ି ପ୍ରଦାନ କରାଗଲେ ସମସ୍ତ ତଥ୍ୟ ସଂଗ୍ରହ କରାଯାଇପାରିବ ବୋଲି ଜିଲାପାଳ ଚିଠି (ନଂ. ୧୦୩୫/୩୧ ଜାନୁୟାରୀ ୨୦୨୩)ରେ ଆଇନ ବିଭାଗକୁ ଜଣାଇଥିଲେ। ତେବେ ବିଭାଗୀୟ ପଦକ୍ଷେପରେ ବିଳମ୍ବତା ଯୋଗୁ ପୁନର୍ବାର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ମ୍ୟୁନିସିପାଲିଟି ଅଧୀନରେ ଥିବା ଦେବୋତ୍ତର ସମ୍ପତ୍ତି ତାଲିକା ପ୍ରସ୍ତୁତ କରି ଦେବୋତ୍ତର ବାରିପଦା ଅଧିକାରୀଙ୍କୁ ଅବଗତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦେବୋତ୍ତର କମିଶନ ପ୍ରଦାନ କରିଥିବା ଚିଠିକୁ ନେଇ ଆବେଦନକାରୀ ରାଧାଶ୍ୟାମ ମହାପାତ୍ର, ଦେବୋତ୍ତର ବିଭାଗର ଅଧିକାରୀ ତଥା ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଓ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ରାଖାଲ ଚନ୍ଦ୍ର ପରିଡ଼ାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏସ୍‌ଆଇଟି ଗଠନପୂର୍ବକ ପଦକ୍ଷେପ ଗ୍ରହଣ କରି ରିପୋର୍ଟ ପ୍ରଦାନ କରା ନ ଗଲେ ଉଚ୍ଚ ନ୍ୟାୟାଳୟରେ ପୁନର୍ବାର ଅପିଲ କରାଯିବ ବୋଲି ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ ପ୍ରକାଶ କରିଛନ୍ତି।

# ଭୂମିପୂଜା ପରେ ଅଖିମୁଠି ଅନୁକୂଳ




ଜିଲାସ୍ତରୀୟ କୃଷକ ଦିବସ ପାଳିତ ଅବସରରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଅଫିସ, ୨୩।୪

### ପାଳିତ ହେଲା ଜିଲାସ୍ତରୀୟ କୃଷକ ଦିବସ

ବାଲେଶ୍ୱର ଜିଲା କୃଷି ବିଭାଗ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲାସ୍ତରୀୟ କୃଷକ ଦିବସ ରବିବାର ପାଳିତ ହୋଇଯାଇଛି। ଶେରଗଡ଼ସ୍ଥିତ ସରକାରୀ କୃଷି ଫାର୍ମରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପ୍ରଥମେ ବିଧିପୂର୍ବକ ଭୂମିପୂଜନ ଓ ହଳ ଲଙ୍ଗଳ ପରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଅକ୍ଷିମୁଠି ଅନୁକୂଳ କରିଥିଲେ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବା ବେଳେ ଭଗବାନଙ୍କ ଆଶୀର୍ବାଦରୁ ଚଳିତବର୍ଷ ଭଲ କୃଷି ଉତ୍ପାଦନରେ କୃଷକମାନଙ୍କୁ ସଫଳତା ମିଳୁ ବୋଲି ସେ କାମନା କରିଥିଲେ। ରାଜ୍ୟର ୭୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର କୃଷିନୀତିରୁ ଲାଭବାନ ହେବାକୁ ଜିଲାପାଳ ଶିନ୍ଦେ ପରାମର୍ଶ ଦେଇଥିଲେ।

ଜିଲା ମୁଖ୍ୟ କୃଷି ଅଧିକାରୀ ସରୋଜ କୁମାର ମହାପାତ୍ର ଯୋଗଦେଇ ସାମ୍ପ୍ରତିକ ଓଡ଼ିଶାରେ କୃଷି ଓ କୃଷକର ବିକାଶ ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ତେବେ ବିହନ, ସାର ଓ କୀଟନାଶକ ଔଷଧ ଏମିତିକି ସହଜ କୃଷି ଋଣ ପ୍ରଦାନ କ୍ଷେତ୍ରରେ ସମସ୍ତ ପ୍ରକାର ସରକାରୀ ସହଯୋଗ ମିଳୁଥିବା ବେଳେ ଚଳିତବର୍ଷରେ ଅନୁକୂଳ ପାଣିପାଗ କୃଷକମାନଙ୍କୁ ବେଶ୍ ସହାୟ ହେବ ବୋଲି ମହାପାତ୍ର କହିଥିଲେ। ଜିଲା କୃଷି ବିଭାଗର ଅଧିକାରୀ, କୃଷି ବିଶେଷଜ୍ଞ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ସମେତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଅଧିକାରୀ, ବହୁ ଅଗ୍ରଣୀ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷି ଉତ୍ପାଦକ ସଂଘର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଭକ୍ତକବି ଦୀନକୃଷ୍ଣଙ୍କ ଜୟନ୍ତୀ ଉଦ୍‌ଯାପିତ



ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

ରାଇବଣିଆ/ଜଳେଶ୍ୱର, ୨୩।୪ (ସ୍ୱ.ପ୍ର.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଦୀନକୃଷ୍ଣ ସ୍ମୃତିପୀଠ ଓ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ୪୪ତମ ଜୟନ୍ତୀ ଦୀନକୃଷ୍ଣ ସ୍ମୃତିମଣ୍ଡପ ପରିସରରେ ମୁଣ୍ଡୁଡୁଣିଆଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ସଭାପତି ଭାବେ ଭରତ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମବଙ୍ଗର କବି ସୁନୀଲ କୁମାର ମାଝି, ସମ୍ମାନନୀୟ ବକ୍ତା ରାଧାଗୋବିନ୍ଦ କୋଇଲା, ସମ୍ମାନନୀୟ ଅତିଥି କାଳୀପଦ ପଣ୍ଡା (ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ), ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରାଣ ପ୍ରତିଷ୍ଠାତା ବିପିନ ବିହାରୀ ବିଶ୍ୱାଳ, ଦୀନକୃଷ୍ଣ ସ୍ମୃତି ପରିଷଦ ସଭାପତି ରାଧାକାନ୍ତ ଭଞ୍ଜ ଓ ମନ୍ମଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବହୁ କବିତା ପାଠ, ବିଷୁବ କବିତା ଆସର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା।

### ଉପଖଣ୍ଡସ୍ତରୀୟ ଚେସ୍ ପ୍ରତିଯୋଗିତା

ଯୋଡ଼ା,୨୩।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଚେସ୍ ଆସୋସିଏସନ ପକ୍ଷରୁ ଆୟୋଜିତ ଉପଖଣ୍ଡସ୍ତରୀୟ ଏକଦିବସୀୟ ଚେସ୍ ପ୍ରତିଯୋଗିତା ଯୋଡ଼ା ଟାଟା ଡିଏଭି ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାରେ ଯୋଡ଼ା ଟାଟା ଡିଏଭି ବିଦ୍ୟାଳୟ, ଜିଳିଂ ଓଏମ୍‌ସି ଡିଏଭି ବିଦ୍ୟାଳୟ, ବଲାଣୀ ଡିଏଭି ବିଦ୍ୟାଳୟ, ବଡ଼ବିଲ ସେଣ୍ଟମେରୀ ବିଦ୍ୟାଳୟ, ଯୋଡ଼ା ଏସ୍‌ଟି ଟେରେସା ବିଦ୍ୟାଳୟ ଓ ବଡ଼ବିଲ ଜିନ୍ଦଲ ବିଦ୍ୟାଳୟ ଆଦି ୬ ବିଦ୍ୟାଳୟର ୩୨ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବରିଷ୍ଠ ଖବରଦାତା ଶିରିଶ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଳିଂ ଓଏମ୍‌ସି ୟୁନିଟ ହେଡ୍ ଚିନ୍ମୟ ପରିଡ଼ା, ସମ୍ମାନିତ ଅତିଥି ଭାବେ ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷ ବି.ସାଇଶିବା, ଜିଲା ଚେସ ଆସୋସିଏସନ ସମ୍ପାଦକ ଅମର ମହାନ୍ତି ଯୋଗ ଦେଇଥିଲେ। ଯୋଡ଼ା ଟାଟା ଡିଏଭି ବିଦ୍ୟାଳୟର ମଦନ ମୋହନ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବିଦ୍ୟାଳୟର ତନୁଶ୍ରୀ ତନଭି ନାୟକ ଦ୍ୱିତୀୟ ସ୍ଥାନ ଓ ଯୋଡ଼ା ଏସ୍‌ଟି ଟେରେସା ବିଦ୍ୟାଳୟର ଅନାନମୟ କଶ୍ୟପ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ଟ୍ରଫି ଓ ନଗଦ ରାଶି ପୁରସ୍କୃତ କରାଯାଇଥିଲା। ସେହିପରି ଅନ୍ୟ ୧୦ ପ୍ରତିଯୋଗୀଙ୍କୁ ଟ୍ରଫି ସହ ନଗଦ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୫ଜଣ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏଭଳି ପ୍ରତିଯୋଗିତା ପିଲାମାନଙ୍କ ସମେତ ଅଭିଭାବକଙ୍କୁ ପ୍ରୋତ୍ସାହିତ କରିବ ବୋଲି ଯୋଡ଼ା ଡିଏଭି ଅଧ୍ୟକ୍ଷ ସାଇଶିବା କହିଥିଲେ। ସମସ୍ତ ବିଜୟୀ ଖେଳାଳୀ କେନ୍ଦୁଝରଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇବେ।

# ଅଖିମୁଠି ଅନୁକୂଳ କଲେ, ଚାଷୀଭାଇଙ୍କ ଶୁଭ ମନାସିଲେ



ବିଧାୟକ ବିହନ ବୁଣି ଅଖିମୁଠି ଅନୁକୂଳ କରୁଛନ୍ତି।

ଖଇରା, ୨୩।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ କୃଷି ବିଭାଗ ପକ୍ଷରୁ କୁରୁଣ୍ଟା ଗ୍ରାମରେ ଅକ୍ଷୟତୃତୀୟା ଓ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ କୃଷି ଅଧିକାରୀ ସରୋଜ ଜେନାଙ୍କ ପୌରୋହିତ୍ୟରେ ସ୍ଥାନୀୟ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିହନ ବୁଣି ଅଖିମୁଠି ଅନୁକୂଳ କରିଥିଲେ। କଳିହା ଗ୍ରାମର ଚାଷୀ ପ୍ରହ୍ଲାଦ ଜେନା ଜମିରେ ହଳ ବୁଲାଇଥିଲେ। ପରେ ଜିଲା ପରିଷଦ ସଭ୍ୟ ମାନସ ଦାଶଙ୍କ ଅଧ୍ୟକ୍ଷତାରେ ବିଧାୟକ ବକ୍ତବ୍ୟ ରଖି ନବୀନ ସରକାର ଚାଷୀଭାଇଙ୍କ ପାଇଁ କାଳିଆ ଅନୁଦାନ ପ୍ରଦାନ କରିବା ସହ ସ୍ୱତନ୍ତ୍ର କୃଷି ବଜେଟ ମାଧ୍ୟମରେ ଚାଷୀଙ୍କ ପାଇଁ ତାଙ୍କର ଭଲ ପାଇବାର ନିଦର୍ଶନ ଦେଖାଇଛନ୍ତି ବୋଲି କହିଥିଲେ। ବ୍ଲକ୍ ଉପାଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ପରିଡା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଏମ୍‌ପି ପ୍ରତିନିଧି ଜୟନ୍ତ ରାଉତ, କୁରୁଣ୍ଟା ସରପଞ୍ଚ ରଘୁନାଥ ଜେନା, ଉଦ୍ୟାନ କୃଷି ଅଧିକାରୀ ଶଶିକାନ୍ତ ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଖଇରା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କର୍ମଚାରୀ ବିଜୟ ଦାସ, ଶୁଭ୍ରଜିତ ଷଡଙ୍ଗୀ, ରୁଦ୍ରନାରାୟଣ ମଲ୍ଲିକ, ଦୀନକୃଷ୍ଣ ପରିଡା, ସଞ୍ଜୀବ ଜେନା, ବିଜୟ କୁମାର ସିଂ, ରଘୁନାଥ ଦାସ, ସତ୍ୟଜିତ ଦାସ, ସନ୍ଦୀପ ଦଳେଇ, ଧନଞ୍ଜୟ ମହାନ୍ତି, କମଳଲୋଚନ ବିଶ୍ୱାଳ, ଜୀବନଜ୍ୟୋତି ଦାଶ, ରଞ୍ଜିତା ଦାସ, ଜ୍ୟୋତ୍ସ୍ନାରାଣୀ ମାଝି, କନକଲତା ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ପ୍ଲାଷ୍ଟିକ୍ ବର୍ଜନ ଦ୍ୱାରା ଜଳବାୟୁ ପରିବର୍ତ୍ତନରେ ନିୟନ୍ତ୍ରଣ ସମ୍ଭବ

### ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ଧରିତ୍ରୀ ଦିବସ

କେନ୍ଦୁଝର,୨୩।୪ (ସ୍ୱ.ପ୍ର.)

ଅଗ୍ରଣୀ ସାମାଜିକ ନ୍ୟାସ ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ଇଞ୍ଜୋଳ ମଧ୍ୟ ଇଂରାଜୀ ବିଦ୍ୟାଳୟର ସଭାଗୃହରେ ପୃଥିବୀ ଦିବସ ପାଳିତ ହୋଇଯାଇଛି। ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତାଭାବେ ହାଟଡିହୀ ଦମକଳ କେନ୍ଦ୍ରର କେନ୍ଦ୍ରାଧିକାରୀ ସୂର୍ଯ୍ୟମଣୀ ନାୟକ, ସମ୍ମାନିତ ଅତିଥିଭାବେ ଯୁବ ସାମାଜିକକର୍ମୀ ଇଂ. ବିଶ୍ୱନାଥ ପ୍ରତାପ ଜେନା, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ସରପଞ୍ଚ ବିନୋଦ ବିହାରୀ ମହାପାତ୍ର, ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ‘ଗୋଟିଏ ପୃଥିବୀ କୋଟିଏ ସମ୍ଭାବନା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜଳବାୟୁ ପରିବର୍ତ୍ତନ, ବନାଗ୍ନି ଆମ ପାଇଁ ଏକ ପ୍ରମୁଖ ସମସ୍ୟା ହୋଇ ଠିଆହୋଇଛି। ତୃଣମୂଳରୁ ବନୀକରଣ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା, ଯଥାସମ୍ଭବ ପ୍ଲାଷ୍ଟିକ ଓ ପଲିଥିନକୁ ବର୍ଜନ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ସୋପାନରେ ଛାତ୍ରୀଛାତ୍ରମାନଙ୍କୁ ନେଇ ପରିବେଶ ଉପଯୋଗୀ ଚିତ୍ରାଙ୍କନ, ବିତର୍କ ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ସତ୍ୟପୀର ମହାନ୍ତି ଓ ଅନନ୍ତ ଚରଣ ମୁଦୁଲି ଯୋଗଦେଇଥିଲେ। ପରେ ହାଟଡ଼ିହୀ ଦମକଳ କେନ୍ଦ୍ରର କର୍ମଚାରୀମାନେ ଅଗ୍ନି ନିର୍ବାପନ ଓ ବିପତ୍ତି ନିସ୍ତାର କୌଶଳ ପ୍ରଦର୍ଶନ କରିଥିଲେ। ଶେଷରେ କୃତି ପ୍ରତିଯୋଗିମାନଙ୍କୁ ଶ୍ୱେତ ପଦ୍ମ ଓ ଶିଶୁ ପତ୍ରିକା ପ୍ରଦାନ ସହ ପୁରସ୍କୃତ କରାଯାଇଥିଲା। ରାଜ କୁମାର ଜେନା, ମୁରଲୀଧର ବେହେରା, ବୃନ୍ଦାବନ ସ୍ୱାଇଁ, ସୁରେନ୍ଦ୍ର ନାୟକ, ବିଷ୍ଣୁପ୍ରସାଦ ସାହୁ, ଦାମୋଦର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଅକ୍ଷୟତୃତୀୟା, କୃଷକ ଦିବସ ପାଳିତ

ବାରିପଦା ଅଫିସ,୨୩।୪

ମୟୂରଭଞ୍ଜ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ରବିବାର ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ଯୋଗଦେଇ ପୂଜା ଅର୍ଚ୍ଚନା ପୂର୍ବକ ଚଳିତ ଖରିଫ ଋତୁରେ ଚାଷ କାର୍ଯ୍ୟର ପ୍ରଥମ ସୋପାନ ଅଖିମୁଠିର ଶୁଭ ଅନୁକୂଳ କରିଥିଲେ। ଚାଷୀମାନେ ଚାଷ ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେମାନେ ତାଙ୍କ ଅଞ୍ଚଳର କ୍ଷେତ୍ର କର୍ମଚାରୀଙ୍କ ସହିତ ଯୋଗାଯୋଗ କରି ସମସ୍ୟାର ସମାଧାନ କରିପାରିବେ ବୋଲି କହିଥିଲେ। ଏହି ଅବସରରେ ଚାଷୀ ସରସ୍ୱତୀ ମହାନ୍ତଙ୍କୁ କୃଷି, ବଳରାମ ବେହେରାଙ୍କୁ ପଶୁ ପାଳନ, ସୁକୁରା ସିଂଙ୍କୁ ଉଦ୍ୟାନ କୃଷି, ରାଧାନାଥ ସିଂଙ୍କୁ ମତ୍ସ୍ୟ ଚାଷ ଏବଂ ମା’ ଅମ୍ବିକା ସ୍ୱୟଂ ସହାୟିକା ଗୋଷ୍ଠୀକୁ କୃଷି ପାଇଁ ଜିଲାପାଳ ପୁରସ୍କୃତ କରିଥିଲେ। ବୈଷୟିକ ଅଧିବେଶନରେ ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ବିଭିନ୍ନ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ପାଇଁ ପରାମର୍ଶ ଦିଆଯାଇଥିଲା। ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ ସାହୁଙ୍କ ସଭାପତିତ୍ୱରେ ଜିଲାପରିଷଦର ସଦସ୍ୟ ମଧୁସୂଦନ ସିଂ, ରମେଶ ଚନ୍ଦ୍ର ପ୍ରଧାନ, ଜିଲା କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ପୃଷ୍ଟି, ଶ୍ୟାମାଖୁଣ୍ଟା ବିଡିଓ ଯଶୋବନ୍ତ ବେହେରା, ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ଡିଆରସିଏସ କୃଷ୍ଣଚନ୍ଦ୍ର ଦାସ, ଏଡିଏଫଓ ଆଲୋକ ନାଥ, ଜଳବିଭିଜିକାର ପିଡି ଭବାନୀ ଶଙ୍କର କାଲୋ ଓ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ ବିଭିନ୍ନ ପଦାଧିକାରୀଙ୍କ ସମେତ ବିଭିନ୍ନ ବର୍ଗର ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ଜିଲା କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ୟାମାଖୁଣ୍ଟା ଗୋଷ୍ଠୀ କୃଷି ଅଧିକାରୀ ତପନ ମହାପାତ୍ର ଓ କୃଷି ବିଭାଗ ଅଧିକାରୀ ମଧୁସ୍ମିତା ଜେନା, ସୁଧାଂଶୁ ଶେଖର ପଣ୍ଡା, ସୁପ୍ରିୟା ଦାଶ ପରିଚାଳନା କରିଥିଲେ।



ଜିଲାପାଳ ବିନୀତ ଭରଦ୍ୱାଜ ଅଖିମୁଠି ଅନୁକୂଳ କରୁଛନ୍ତି।

# ୧୦ରେ ଶିଳ୍ପୀ କାରିଗର ସଂଘର ସମାବେଶ

ଭଦ୍ରକ ଅଫିସ, ୨୩।୪ (ସ୍ୱ.ପ୍ର.)

ଭଦ୍ରକ ଶିଳ୍ପୀ କାରିଗର ସଂଘ ପକ୍ଷରୁ ଆସନ୍ତା ମେ’ ୧୦ରେ ସମାବେଶ ଅନୁଷ୍ଠିତ ହେବ। ଏନେଇ ରବିବାର ଜିଲା ହସ୍ତଶିଳ୍ପ ବିଭାଗ କାର୍ଯ୍ୟାଳୟଠାରେ ଶିଳ୍ପୀ କାରିଗର ସଂଘର ସଦସ୍ୟମାନଙ୍କର ଏକ ପ୍ରସ୍ତୁତି ବୈଠକ ଜିଲା ସଭାପତି ଆନନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ମହାସଂଘର ସଭାପତି ଉଦୟନାଥ ମହାନ୍ତି ଯୋଗଦେଇ ଶିଳ୍ପୀ କାରିଗରମାନଙ୍କୁ ଆର୍ଥିକ ସହାୟତା, ବାସଗୃହ, ୫୦ବର୍ଷରୁ ଊର୍ଦ୍ଧ୍ୱ କାରିଗରମାନଙ୍କୁ ମାସିକ ଭତ୍ତା ଯୋଗାଇ ଦେବା ଆଦି ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ରାଜ୍ୟ ସଭାପତି ମହାନ୍ତି କହିଛନ୍ତି। ଜିଲା ସମ୍ପାଦକ ତପନ ମହାରଣା, ସଙ୍ଗଠନ ସମ୍ପାଦିକା ସରୋଜିନୀ ଦାସ, ଆବାହକ ରଘୁନାଥ ସାହୁ, କାରିଗର ସବିତା ବେହେରା, ବୀରେନ୍ଦ୍ର ବେହେରା, ରବୀନ୍ଦ୍ର ସାହୁ, ପ୍ରକାଶ ସାହୁ, ଶ୍ରୀନିବାସ ବେହେରା, ରତିକାନ୍ତ ବିନ୍ଧାଣୀ, ଅହଲ୍ୟା ପାତ୍ର, ଗୌତମ ସୂତାର, ବିଜୟ କୁମାର ବେହେରା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଖବରଦାତା ରବି ନାରାୟଣ ଖିଲାରଙ୍କୁ ଶିଳ୍ପୀ କାରିଗର ସଂଘର ରାଜ୍ୟ ଉପଦେଷ୍ଟା ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି।



ବୈଠକରେ ଉପସ୍ଥିତ କାରିଗରମାନେ।

# ‘ଗୀତଗୋବିନ୍ଦ ବିଶ୍ୱ କାବ୍ୟ ସାହିତ୍ୟରେ କାଳଜୟୀ ହୋଇ ରହିବ’




ଜିଲା ପ୍ରଶାସନିକ ଅଧିକାରୀମାନେ ଓ ମିଳନୀ ସାହିତ୍ୟ ସଂସଦ ସଦସ୍ୟ।

### କବି ଶ୍ରୀ ଜୟଦେବ ଜୟନ୍ତୀ ପାଳିତ

କେନ୍ଦୁଝର,୨୩।୪(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ପ୍ରଶାସନ ଆନୁକୂଲ୍ୟରେ ଓ ମିଳନୀ ସାହିତ୍ୟ ସଂସଦ ସହଯୋଗରେ ରବିବାର ଗୀତଗୋବିନ୍ଦର ରଚୟିତା କବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ଦରବାର ହଲ୍‌ଠାରେ ପାଳିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ୍ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ବୋଧନ ଛଳରେ ଭକ୍ତକବି ଶ୍ରୀ ଜୟଦେବଙ୍କ ରଚିତ ଅମରକୃତି ଗୀତଗୋବିନ୍ଦ ସମଗ୍ର ବିଶ୍ୱ କାବ୍ୟ ସାହିତ୍ୟରେ ଯୁଗ ଯୁଗ ଧରି କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀ ଜୟଦେବ ଆମ ଓଡ଼ିଶାର ଗର୍ବ ଓ ଗୌରବ ବୋଲି କହିବା ସହିତ ଜୟଦେବଙ୍କ କୀର୍ତି ଓ କୃତୀ ସମ୍ପର୍କରେ ସାହିତ୍ୟିକମାନେ ଅଧିକ ମନୋନିବେଶ କରିବାକୁ ଅତିରିକ୍ତ ଜିଲାପାଳ ଆହ୍ୱାନ ଜଣାଇଥିଲେ। ସମ୍ମାନନୀୟ ଅତିଥି ଭାବେ କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ସମ୍ମାନିତ ଅତିଥିଭାବେ ମିଳନୀ ସାହିତ୍ୟ ସଂସଦର ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ସଂସଦର ସମ୍ପାଦକ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଡ. ଚିତ ମିଶ୍ର, ମୁଖ୍ୟ ବକ୍ତାଭାବେ ପଣ୍ଡିତ ରଙ୍ଗଧର ବେହେରା, ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ପ୍ରମୁଖ ଯୋଗଦେଇଥିଲେ। କେନ୍ଦୁଝର ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସଞ୍ଜୀବ ବାରିକ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ମଧୁସୂଦନ ମିଶ୍ର ଗୀତଗୋବିନ୍ଦର ‘ଦଶାବତାର’ ଆବୃତ୍ତି କରିଥିଲେ। ପରେ କବୟିତ୍ରୀ ଶୋଭନା ଜେନାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କବିମାନଙ୍କଦ୍ୱାରା ଶ୍ରୀ ଜୟଦେବଙ୍କ ଉପରେ ଆଧାରିତ କବିତା ଆବୃତ୍ତି କରାଯାଇଥିଲା। ଶେଷରେ ମିଳନୀ ସାହିତ୍ୟ ସଂସଦର ଯୁଗ୍ମ ସମ୍ପାଦକ ହରିହର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇୱା ଧକ୍କାରେ ଯୁବତୀ ଗୁରୁତର

ନୀଳଗିରି,(ସ୍ୱ.ପ୍ର.): ବାଲେଶ୍ୱର ଜିଲା ନୀଳଗିରି ଥାନା ବାରହାକୋଇଲି ଛକରେ ସାଇକେଲରେ ଯାଉଥିବା ଖୁଲିଆ ଗ୍ରାମର ମମତା ସିଂ(୨୨)ଙ୍କ ଉପରେ ହାଇୱା ଚଢ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ନୀଳଗିରି ପଞ୍ଚଲିଙ୍ଗେଶ୍ୱର ସୋର ମୁଖ୍ୟ ରାସ୍ତାର ବାରହାକୋଇଲି ଛକରେ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା।



## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ଅକ୍ଷୟ ତୃତୀୟା ପାଳିତ

ଘଟଗାଁ,୨୩।୪(ଡି.ଏନ୍.ଏ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅଧୀନସ୍ଥ ରୁଟିଶିଳା ପଞ୍ଚାୟତ ଅନ୍ତର୍ଗତ ସାରୁପାଟ ଗ୍ରାମ୍ୟରେ ବ୍ଲକ୍‌ସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ଅଧକ୍ଷ ଗୁରୁ ଚରଣ ମହାପାତ୍ର ଅଖିମୁଠି ଅନୁକୁଳ କରିଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ପଣ୍ଡାପଡ଼ା ଜିଲା ପରିଷଦ ସଭ୍ୟା ଯାଜ୍ଞସେନୀ ମହାନ୍ତ ଯୋଗଦାନ କରିଥିଲେ। ରାଜେନ୍ଦ୍ର ଦାସ, ମଣ୍ଡଳ କୃଷି ଅଧିକାରୀ, ଘଟଗାଁ ମଞ୍ଚ ପରିଚାଳନା କରିଥିଲେ। କାର୍ଯକ୍ରମରେ କୃଷି ଅଧିଦର୍ଶକ ଧନେଶ୍ୱର ପରିଡ଼ା, ସବିତା ସାହୁ, ମାଳତୀ ବିଶାଳ, ଗୌରୀ ଶଙ୍କର ସାହୁ, ସୁଶାନ୍ତ ସାହୁ, ସହକାରୀ ବୈଷୟିକ ପରିଚାଳକ ପ୍ରମୋଦ ସାହୁ, ଅନ୍ୱେଷା ଇତିଶ୍ରୀ ପ୍ରମୁଖ ସହଯୋଗ କରିଥିଲେ।

### ପରମେଶ୍ୱର ଶିବ ମନ୍ଦିରର ପ୍ରତିଷ୍ଠା ଦିବସ

ପାଟଣା,୨୩।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟର ପୁଣ୍ୟତୋୟା ବୈତରଣୀ ନଦୀକୁଳସ୍ଥିତ ପ୍ରସିଦ୍ଧ ପରମେଶ୍ୱର ଶିବ ମନ୍ଦିରରେ ଅକ୍ଷୟ ତୃତୀୟା ଚତୁର୍ଦଶ ବାର୍ଷିକ ଉତ୍ସବ ଅବସରରେ ରବିବାର ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଭକ୍ତ ବନ୍ଧୁ ଆଚାର୍ଯ୍ୟ ନୀତି କାନ୍ତିରେ ପୂଜା ସମ୍ପାଦନ କରିଥିବା ବେଳେ କର୍ତ୍ତାଭାବେ ମନ୍ଦିର ପ୍ରତିଷ୍ଠାତା ଶ୍ରୀମନ୍ତ ତ୍ରିପାଠୀ ଓ ତାଙ୍କ ସ୍ତ୍ରୀ ଅନୁସୟା ତ୍ରିପାଠୀ ପୂଜା ଅର୍ଚ୍ଚନା କରିଥିଲେ। ମନ୍ଦିର ଟ୍ରଷ୍ଟି ଶିବ ନାରାୟଣ ମିଶ୍ର, ଅରବିନ୍ଦ ଦାଶ ଓ ରାହସ ବିହାରୀ ଦାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭଜନ କୀର୍ତ୍ତନ ସହ ପ୍ରସାଦ ବିତରଣ କାର୍ଯ୍ୟ ସମ୍ପନ୍ନ ହୋଇଛି।

### ୫ ଯୁବକ ଥାନାରେ ଅଟକ, ୨ ଭୁଜାଲି ଜବତ

ଧାମନଗର,୨୩।୪(ସ୍ୱ.ପ୍ର./ଡି.ଏନ.ଏ.)- ଭଦ୍ରକ ଜିଲା ଧାମନଗର-ଦୋବଲ ମୁଖ୍ୟରାସ୍ତାର ରାଣୀପୋଖରୀ ନିକଟରୁ ରବିବାର ପୋଲିସ ୫ ଯୁବକଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଛି। ସେମାନଙ୍କଠାରୁ ୨ଟି ବାଇକ୍ ଓ ୨ଟି ଭୁଜାଲି ଜବତ କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ଦୁଇଟି ବାଇକ୍‌ରେ ୫ଜଣ ଯୁବକ ଯାଜପୁର ଆଡୁ ଧାମନଗର ଅଭିମୁଖେ ଆସୁଥିଲେ। ଧାମନଗର କଲେଜ ରାସ୍ତାରେ କାଦୁଅରେ ସ୍ଲିପ୍ କରୁଥିବାରୁ ସେମାନେ ଗାଡ଼ି ସହ ରାସ୍ତାରେ ପଡ଼ିଯାଇଥିଲେ। ଫଳରେ ସେମାନଙ୍କ ପଛ ପାଖରେ ରଖିଥିବା ୨ଟି ଭୁଜାଲି ବାହାରି ତଳେ ପଡ଼ିଯାଇଥିଲା। ସ୍ଥାନୀୟ ଯୁବକମାନେ ସେମାନଙ୍କୁ ଅଟକ ରଖି ଧାମନଗର ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଗୋଟିଏ ବାଇକ୍‌ରେ ଆଗ ଓ ପଛ ନମ୍ବର ପ୍ଲେଟରେ ଅଲଗା ଅଲଗା ନମ୍ବର ରହିଥିବା ଜଣାପଡ଼ିଛି। ତଦନ୍ତରେ ବ୍ୟାଘାତ ହେବା ନେଇ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

# 'ଗୀତଗୋବିନ୍ଦ ଓଡ଼ିଆ ସାହିତ୍ୟ ଜଗତରେ ଏକ ଅନବଦ୍ୟ ସୃଷ୍ଟି'

### ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ

ବାରିପଦା ଅଫିସ,୨୩।୪



ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଫେସିଲିଟେଶନ ସେଣ୍ଟରରେ ରବିବାର ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ବିଷୟରେ ପ୍ରତିପାଦନ କରି କହିଥିଲେ, କାଳଜୟୀ କବି ଜୟଦେବଙ୍କ ଗୀତଗୋବିନ୍ଦ ହେଉଛି ଓଡ଼ିଆ ସାହିତ୍ୟ ଜଗତରେ ଏକ ଅନବଦ୍ୟ ସୃଷ୍ଟି। ଏହା କେବଳ ଗୋଟିଏ କାବ୍ୟ ନୁହେଁ, ବରଂ ଆମ ଓଡ଼ିଆମାନଙ୍କ ପାଇଁ ଗର୍ବ। ଏଣୁ କବି ଜୟଦେବଙ୍କ ଜୟନ୍ତୀ ପାଳନ ଅବସରରେ ସମସ୍ତେ ଆମ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ସାହିତ୍ୟକୁ ଉଜ୍ଜୀବିତ ରଖିବା ପାଇଁ ସଂକଳ୍ପବଦ୍ଧ ହେବା। ଏଥିସହ ଯୁବପିଢ଼ିଙ୍କୁ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ପାଇଁ ଯଥାଚିତ ପ୍ରୟାସ କରିବା ଆବଶ୍ୟକ। ମୁଖ୍ୟବକ୍ତା ଭାବେ ଡ. ନୀଳକଣ୍ଠ ମିଶ୍ର ଗୀତଗୋବିନ୍ଦର ବିଭିନ୍ନ ପଂକ୍ତି ଓ ଶ୍ଳୋକକୁ ବ୍ୟାଖ୍ୟା କରି ଏହି କାବ୍ୟକୁ ଆନ୍ତରିକତା ଶ୍ରଦ୍ଧାର ସହ ପଠନ କଲେ ଜୀବନଚର୍ଯ୍ୟାରେ ଏହାର ଉପାଦେୟତା ଓ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି କହିଥିଲେ। ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ରାମଚନ୍ଦ୍ର ସୋରେନ ପ୍ରମୁଖ ଯୋଗ ଦେଇଥିବା ବେଳେ ବିଭିନ୍ନ ସରକାରୀ ପଦାଧିକାରୀ, କଳାକାର, ଗାୟକ ଓ ସାହିତ୍ୟିକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମା' ଅମ୍ବିକା ସଂଗୀତ ସାଗର ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଗୀତଗୋବିନ୍ଦମ ସଂଗୀତ ପରିବେଷଣ କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ ପରିଚାଳନା କରିଥିଲେ।

## ଆଖଣ୍ଡଳମଣି ପୀଠରେ ଚନ୍ଦନଚାପ ଆରମ୍ଭ


ଚନ୍ଦନଚାପ ପାଇଁ ପ୍ରସ୍ତୁତ ନାବ।

ଆରଡ଼ି,୨୩।୪ (ଡି.ଏନ.ଏ.): ପବିତ୍ର ଅକ୍ଷୟ ତୃତୀୟାରୁ ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ଚନ୍ଦନଚାପ ଆରମ୍ଭ ହୋଇଛି। ପ୍ରତିବର୍ଷ ବାବାଙ୍କ ଶିବଗଙ୍ଗା ପୁଷ୍କରିଣୀରେ ଚନ୍ଦନଚାପ ଅନୁଷ୍ଠିତ ହୋଇଥାଏ। ରବିବାର ଭୋର ୫ଟାରେ ମନ୍ଦିର ପହଡ଼ ଖୋଲାଯିବା ପରେ ବାବାଙ୍କ ପାଖରେ ମଙ୍ଗଳ ଆଳତି କରାଯାଇଥିଲା। ଏହାପରେ ଚନ୍ଦନଚାପ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଚନ୍ଦନଚାପ ଦେଖିବାକୁ ଭକ୍ତମାନେ ସକାଳଠାରୁ ପୀଠରେ ଉପସ୍ଥିତ ରହିଥିଲେ। ଏହି ପୁଷ୍କରିଣୀରେ ବାବା ଆଖଣ୍ଡଳମଣିଙ୍କ ବିଗ୍ରହ ପ୍ରଭୁ ଚନ୍ଦ୍ରଶେଖରଙ୍କ ନାବକେଳି ପର୍ବ ଅନୁଷ୍ଠିତ ହେଉଥିବାରୁ ସେଥିଲାଗି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ସନ୍ଧ୍ୟାରେ ବଡ଼ସିଂହାର ବେଶ ପରେ ମଣିବାବାଙ୍କ ଚଳନ୍ତି ବିଗ୍ରହଙ୍କୁ ପୁଷ୍ପ ସୁସଜ୍ଜିତ ବିମାନରେ ପୁଷ୍କରିଣୀ ନିକଟରେ ଥିବା ମଣ୍ଡପକୁ ନିଆଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରାଯାଇ ନାବରେ ଅବସ୍ଥାପନ କରାଯାଇଥିଲା। ହରିବୋଲ ହୁଳହୁଳି ଧ୍ୱନିରେ ପ୍ରଭୁଙ୍କର ନାବକେଳି ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଚନ୍ଦନଚାପ ଉତ୍ସବ ୨୧ଦିନ ଧରି ସଂଗଠିତ ହେବ ବୋଲି ସେବାୟତମାନେ ପ୍ରକାଶ କରିଛନ୍ତି।

## ଅଖରେ ଲାଗିଲା ଚକ, ଶ୍ରୀଅଙ୍ଗେ ଲାଗିଲା ଚନ୍ଦନ

### ନୀଳଗିରି ଶ୍ରୀଜଗନ୍ନାଥ ମନ୍ଦିରରେ ରଥ ନିର୍ମାଣର ଆଦ୍ୟ ପର୍ବ


ରଥ ଅଖରେ ଚକ ଲାଗିଲା।

ନୀଳଗିରି, ୨୩।୪(ସ୍ୱ.ପ୍ର.)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥ ନିର୍ମାଣର ଆଦ୍ୟ ପର୍ବ ପରମ୍ପରା ଅନୁସାରେ ସୋମବାର ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ସେବାୟତ ଓ ଭକ୍ତଙ୍କ ଗହଣରେ ରଥଖଳାକୁ ଆଜ୍ଞାମାଳ ପହଞ୍ଚାଇ ଅନୁକୂଳ ହୋଇଛି । ଏହି ଅବସରରେ ଦାରଫିଟା, ଦେଉଳ ଶୋଧ, ମଙ୍ଗଳ ଆଳତି, ବେଶ ମଇଲମ, ଅବକାଶ, ରୋଷହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ସକାଳ ଧୂପ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି। ଆଜ୍ଞାମାଳ ଆସିବା ପରେ ରାମକୃଷ୍ଣ ମଦନମୋହନ, ଭୂଦେବୀ, ଶ୍ରୀଦେବୀ, ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଅଧର ଚୁମ୍ବିତ ଆଜ୍ଞାମାଳ ରଥଖଳାକୁ ଯାଇଥିବା ଦେଖିବାକୁ ମିଳିଛି। ମଧ୍ୟାହ୍ନ ଧୂପ ପରେ ତିନି ଠାକୁରଙ୍କ ଶ୍ରୀମୁଖକୁ ଛାଡ଼ି ଶ୍ରୀଅଙ୍ଗେ ଚନ୍ଦନ ଲାଗି ହୋଇଥିବା ପରିଲକ୍ଷିତ ହୋଇଛି। ଘଟୁଆରି ସେବକମାନଙ୍କ ଦାରା ଅଧିବାସିତ ହୋଇଥିବା ଏହି ଚନ୍ଦନକୁ ଶ୍ରୀଅଙ୍ଗେ ଲଗାଯାଇଥିଲା। ଏହି ନୀତି ଦେବସ୍ନାନ ପୂର୍ଣ୍ଣିମାର ପୂର୍ବ ଦିନ ଅର୍ଥାତ ୪୧ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ସେବାୟତଙ୍କ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଏହି ନୀଳଗିରି ରାଜାସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଅନୁପସ୍ଥିତ ଥିଲା ବେଳେ ତାଙ୍କର ପ୍ରତିନିଧି ଭାବେ କାର୍ଯ୍ୟକୁ ସମାପନ କରିଥାନ୍ତି ରାଜଗୁରୁ ରବୀନ୍ଦ୍ର ମହାପାତ୍ର। ତାଙ୍କ ସହିତ ବ୍ରହ୍ମା ସରୋଜ କୁମାର ନନ୍ଦ, ବ୍ରହ୍ମା ପୂର୍ଣ୍ଣ ଶୁକ୍ଳ ନନ୍ଦ, ଯୋଗେନ୍ଦ୍ର ନାରାୟଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିରେଶ ଶତପଥୀ ନଡ଼ିଆ ଫଟାଇବା ପରେ ରଥ ଅନୁକୂଳ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଠାକୁର ମହଲ ସମସ୍ତ ଅଧିକାରୀଙ୍କ ସମେତ ମହାରଣା, ଭୋଇ, ପଠସୋବାସିଆ ପ୍ରମୁଖ ଉପସ୍ଥିତ ଥିଲେ।

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

## ସ୍ଥାୟୀ କୁଳପତି ନିଯୁକ୍ତି ଦାବି

ବାରିପଦା ଅଫିସ,୨୩।୪

ମେ' ୯ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଏହା ପୂର୍ବରୁ ସ୍ଥାୟୀ କୁଳପତି ନିଯୁକ୍ତି କରିବାକୁ ଦାବି ହୋଇଛି। ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ, ୫-ଟି ମୋ ସରକାର ଓ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ନଭେମ୍ବର ୧୯ରେ ପ୍ରାକ୍ତନ କୁଳପତି ପ୍ରଫେସର କିଶୋର ବସା ଜାତୀୟ ସ୍ମାରକୀ ପ୍ରାଧିକରଣ ଅଧକ୍ଷ ଭାବେ ଅବସ୍ଥାପିତ ହେବା ପରେ ରାଜଭବନର ନିର୍ଦ୍ଦେଶକ୍ରମେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ପ୍ରମୋଦ ଶତପଥିଙ୍କୁ କୁଳପତି ଭାବେ ଦାୟିତ୍ୱ ଦିଆଯାଇଥିଲା। ମାସେ ନ ପୂରୁଣୁ ଡିସେମ୍ବର ୧୪ରେ ବାଲେଶ୍ୱର ଜିଲା ଏଫଏମ୍ ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ ତ୍ରିପାଠୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଦୀର୍ଘ ୪ମାସରୁ ଉର୍ଦ୍ଧ୍ୱ ସମୟ ଧରି ଦାୟିତ୍ୱ ଗ୍ରହଣ କରିଥିଲେ ମଧ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ବିକାଶ


@ନିଲୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ରଥଖଳାରେ ରଥକାଠ ଅନୁକୂଳ



ଉଦଳା,୨୩।୪(ଡି.ଏନ.ଏ.)

ପବିତ୍ର ଅକ୍ଷୟତୃତୀୟା ଅବସରରେ ମୟୂରଭଞ୍ଜ ଜିଲା ଉଦଳା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥ ଖଳାଠାରେ ନୂତନ ରଥକାର୍ଯ୍ୟ ପାଇଁ ଅଖ ଲାଗି ବା ଅନୁକୂଳ କରାଯାଇଛି। ସକାଳେ ନୀତି କାନ୍ତି ଅନୁଯାୟୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଆଜ୍ଞା ମାଳ ସହିତ ଶତାଧିକ ମହିଳା ପୁରୁଷ ଶ୍ରଦ୍ଧାଳୁ ଏବଂ କମିଟିର ସଦସ୍ୟ ନାମ ସଂକୀର୍ତ୍ତନ ସହିତ ରଥ ଖଳାରେ ପହଞ୍ଚିଥିଲେ। ଖଳାରେ ପୂଜାର୍ଚ୍ଚନା ପରେ ହୋମଯଜ୍ଞ କରାଯାଇଥିଲା। ତାଛଡ଼ା ରଥ ନିର୍ମାଣ କାର୍ଯ୍ୟ ନିମିତ୍ତ ବିଶ୍ୱକର୍ମାମାନେ ଉପସ୍ଥିତ ରହି ରଥ ଅଖରେ ଚକ ଲାଗି କରିଥିଲେ। ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଜୟ ଜଗନ୍ନାଥ ଧ୍ୱନୀରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପରିଚାଳନା କମିଟିର ସଭାପତି ସୋମନାଥ ସାହୁ, ସମ୍ପାଦକ ଲକ୍ଷ୍ମଣ ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା। ସେହିଭଳି ଉଦଳା ବ୍ଲକ୍‌ର ରାଢ଼ୋ, ଡିହିରାକୁଳ, କଇଁସାରୀ ଗ୍ରାମ ଜଗନ୍ନାଥ ମନ୍ଦିର କମିଟି ତରଫରୁ ରଥ ନିର୍ମାଣ ପାଇଁ ଚକ ଅଖ ଲାଗି କରାଯାଇଛି।

## ୮ ଜଗନ୍ନାଥ ମନ୍ଦିର ପଟିଦିଅଁ ଅଙ୍କନ ପାଇଁ ମିଳିଲା ସ୍ୱୀକୃତି

### ମେ' ୩୦ରୁ ପଟିଦିଅଁ ଅଙ୍କନ, ଜୁନ୍ ୪ରେ ବିଜେ

ବାଲେଶ୍ୱର ଅଫିସ, ୨୩।୪

ଗତବର୍ଷ ପରି ଚଳିତବର୍ଷ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବାଲେଶ୍ୱରର ୮ ଜଗନ୍ନାଥ ମନ୍ଦିରରୁ ପଟିଦିଅଁ ଅଙ୍କନ ପାଇଁ ୩ଜଣ ଚିତ୍ରକରଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି । ଚଳିତ ବର୍ଷ ଅନନ୍ତ ନାରାୟଣ (ବଳଭଦ୍ର) ଅରୁଣ ବାରିକ, ମା' ଭୁବନେଶ୍ୱରୀ (ସୁଭଦ୍ରା) ଓ ଅନନ୍ତ ବାସୁଦେବ (ଜଗନ୍ନାଥ) କେଶୁଦାସ ନୀଳଗିରି, ଶାସଙ୍ଗ, ଜୟଦେବ କସବା, ରେମୁଣା, ଗଣେଶ୍ୱରପୁର, ଦୁବଲାଗଡି ଓ ମଛଡିହା ପ୍ରମୁଖ ଜଗନ୍ନାଥ ମନ୍ଦିରରୁ ଯଥାବିଧି ସ୍ୱୀକୃତି ଗ୍ରହଣ କରିଛନ୍ତି। ନୋସି କଲଚ୍ୟୁରାଲ ଏକାଡେମୀ ଓ ବାଲେଶ୍ୱରୀ କଳା କେନ୍ଦ୍ର ଦ୍ୱାରା ଆୟୋଜିତ ୯ମ ପଟିଦିଅଁ ଅଙ୍କନ ଉତ୍ସବ ଓ ୨ୟ ବାଲେଶ୍ୱରୀ ଚଢେଇୟା ନାଟ ପ୍ରତିଯୋଗିତା ମେ' ୩୦ରୁ ଜୁନ ୪ତାରିଖ ପର୍ଯ୍ୟନ୍ତ ନୋସି ବିଜିନେସ ପାର୍କର ଉତ୍କଳା ମୁକ୍ତମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଜୁନ ୪ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରଗୁଡିକୁ ପଟିଦିଅଁ ବିଜେ କରିବେ। ଚିତ୍ରକର ସ୍ୱୀକୃତି କାର୍ଯ୍ୟକ୍ରମରେ ସବୁ ଜଗନ୍ନାଥ ମନ୍ଦିର କମିଟିର କର୍ମକର୍ତ୍ତା, ପୂଜକ ସହ ଦେବାଶିଷ ପତି, ଦୀନକୃଷ୍ଣ ଧଳ, ବିକାଶ ଦାସ, ପ୍ରଭାସ ଦାସ, ଜୀବନ ଶତପଥୀ, ଶ୍ରୀବ୍ରହ୍ମା ସରୋଜ ନନ୍ଦ ଓ ଶ୍ରୀବ୍ରହ୍ମା ପୁଣ୍ୟଶ୍ଳୋକ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।


ନୀଳଗିରି ଜଗନ୍ନାଥ ମନ୍ଦିର ପୂଜକ ପଟିଦିଅଁ ଅଙ୍କନ ପାଇଁ ଚିତ୍ରକରଙ୍କୁ ସ୍ୱୀକୃତି ଦେଉଛନ୍ତି।

## ଜଙ୍ଘାଦେବ ମନ୍ଦିରର ଭୂମିପୂଜା

ଢେଙ୍କିକୋଟ,୨୩।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଲଙ୍ଗଳକଣ୍ଟି ଗ୍ରାମ ବେଲେଶ୍ୱର ଶିବ ମନ୍ଦିର ପରିସରରେ ଅକ୍ଷୟ ତୃତୀୟା ତିଥିରେ ଗୋଣ୍ଡ ଜନଜାତିର ଆରାଧ ଦେବତା ଶ୍ରୀ ଶ୍ରୀ ଜଙ୍ଘାଦେବଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜା ଉତ୍ସବ ପାଳିତ ହୋଇଯାଇଛି। ଘଟଗାଁ ବ୍ଲକ୍‌ରେ ୯ ଗୋଣ୍ଡ ପଲ୍ଲୀର ସମସ୍ତ କର୍ମକର୍ତ୍ତା ସାଙ୍ଗକୁ ଗୋଣ୍ଡ ଜନଜାତିର ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଅଣାଯାଇ ପୂଜକ ଦେହୁରୀ କୃଷ୍ଣଚନ୍ଦ୍ର ନାୟକଙ୍କ ଦ୍ୱାରା ରୀତିନୀତିରେ ପୂଜା ପାଠ କରାଯାଇଥିଲା। ଲଙ୍ଗଳକଣ୍ଟି ଗ୍ରାମର ସ୍ଥାୟୀବାସିନ୍ଦା ତଥା ସମ୍ବଲପୁର ଷ୍ଟେଟବ୍ୟାଙ୍କ ଶାଖାର ବରିଷ୍ଠ ପରିଚାଳକ ପ୍ରଫୁଲ୍ଲ ସିଂହ ସଂକଳ୍ପରେ ବସିଥିଲେ। ବ୍ଲକ୍ ଗୋଣ୍ଡ ସମାଜ ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭାଗିରଥୀ ନାୟକ, ଶୁକଦେବ ସିଂହ, ଧନେଶ୍ୱର ନାୟକ, ଦିଗାମ୍ବର ଦଣ୍ଡପାଟ, ଦୟାନିଧି ଖଣ୍ଡା, ଫକିର ଖଣ୍ଡା, ବିଶ୍ୱକେତୁ ନାୟକ, ହରେକୃଷ୍ଣ ନାୟକ, ହାଡ଼ିବନ୍ଧୁ ନାୟକ, ଚକ୍ରଧର ନାୟକ ପ୍ରମୁଖ କାର୍ଯ୍ୟ ତଦାରଖ କରିଥିଲେ। ଆଖପାଖ ଗ୍ରାମର ୫ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିବା ବେଳେ ବାଲିପୋଖରୀ ଗୋଣ୍ଡ ସମାଜର କୁନି କୁନି କଳାକାରମାନଙ୍କ ଦ୍ୱାରା ଖଣ୍ଡାନାଚ ପରିବେଷଣ କରିଥିଲେ। ଜାତୀୟ ଜନଜାତି କମିଶନର ସଦସ୍ୟ ଅନନ୍ତ ନାୟକ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ଶୁକଦେବ ସିଂହ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।


ଭୂମି ପୂଜାରେ ଉପସ୍ଥିତ ଗ୍ରାମବାସୀ।

## 'କୃଷିର ଉନ୍ନତି ବିନା ସାମଗ୍ରିକ ଉନ୍ନତି ଅସମ୍ଭବ'


ବନ୍ତ ବ୍ଲକ ସରମରା ଗ୍ରାମରେ ଉପଜିଲାପାଳ ମନୋଜ ପାତ୍ର ଅଖିମୁଠି ଅନୁକୂଳ କରୁଛନ୍ତି।

ଭଦ୍ରକ ଅଫିସ/ତିହିଡ଼ି/ଚାନ୍ଦବାଲି/ ଧାମନଗର,୨୩।୪(ଡି.ଏନ.ଏ./ସ୍ୱ.ପ୍ର.

ଭଦ୍ରକ ଜିଲା ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ସରମରା ଗ୍ରାମରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟ ଦିବସ ତଥା ଅଖିମୁଠି ଅନୁକୂଳ ପର୍ବ ରବିବାର ପାଳନ କରାଯାଇଛି। ଉପଜିଲାପାଳ ମନୋଜ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜା ଓ ଅଖିମୁଠି ଅନୁକୂଳ କରିଥିଲେ। ପରେ ଅନୁଷ୍ଠିତ ସଭାରେ ସେ କହିଥିଲେ, କୃଷକମାନେ ହେଉଛନ୍ତି ରାଜ୍ୟ ଓ ଦେଶର ଆର୍ଥିକ ମେରୁଦଣ୍ଡ। କୃଷିର ଉନ୍ନତି ବିନା ସାମଗ୍ରିକ ଉନ୍ନତି ଅସମ୍ଭବ। ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ଦ୍ୱାରୀ ସଭାପତିତ୍ୱ ଓ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଶ୍ରୀଧର ଦାସ ପରିଚାଳନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଅନ୍ୟତମ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଅରବିନ୍ଦ ଦାସ, କୃଷି ଗବେଷକ ଡ. ଉମାଶଙ୍କର ନାୟକ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ରଶ୍ମିରଞ୍ଜନ ପାତ୍ର, ଅତିରିକ୍ତ ତହସିଲଦାର ବିନିତା ରାଣୀ କିସ୍କୁ, ଜିଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ନାୟକ, ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ, ସମିତିସଭ୍ୟା ରଜନୀ ଜେନା, ଯୁବ ବିଜେଡି ସଭାପତି ସତ୍ୟ ସାଧନ ବେଜ, ଏଡିଏଚ୍ ବିନୋଦ ଜେନା, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିର୍ମଳ ଚନ୍ଦ୍ର ବାରିକ, ସମବାୟ ସହକାରୀ ଉପନିବନ୍ଧକ ସତ୍ୟ ପ୍ରକାଶ ସେଠୀ, ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୫ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗରପଡ଼ାର ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ପତି, ଗ୍ରାମ୍ୟ କୃଷି କର୍ମଚାରୀ ତପନ ସେଠୀ, ବିଦ୍ୟାଧର ସେଠୀ, ପ୍ରାଣୀ ନିରୀକ୍ଷକ ପ୍ରିୟବ୍ରତ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସେହିପରି ତିହିଡ଼ି ବ୍ଲକ ରାଜନଗର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲା ପରିଷଦ ସଭ୍ୟ ଅମୂଲ୍ୟ କୁମାର ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ଚାନ୍ଦବାଲି ବ୍ଲକ ମତୋ ଚକିଆସାହି ନିକଟରେ କୃଷି ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ଜ୍ୟୋତିବିକାଶ ଦାସ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ପରେ ମତୋ କଲ୍ୟାଣ ମଣ୍ଡପରେ ଚାଷ ସମ୍ପର୍କରେ ବିଭିନ୍ନ ସ୍କିମ ଉପରେ ସଚେତନତା କରାଯାଇଥିଲା।

